- Vol.- 46, Issue No. 228
- Friday, 20 November 2026
- ଶୁକ୍ରବାର, ୨୦ ନଭେମ୍ବର ୨୦୨୬
- Bhubaneswar
- Price: Rs. 3.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

ଉପକୂଳ ମୁହାଁଇଛି 'ଅକଓ୍ୱାନ'

ଭୁବନେଶ୍ୱର, ୧୯।୧୧: ଭୀଷଣ ବାତ୍ୟା 'ଅକଓ୍ୱାନ' ଓଡ଼ିଶା ଉପକୂଳ ଆଡ଼କୁ ମୁହାଁଇଥିବା ବେଳେ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ୬ ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି ହୋଇଛି । ବିଭାଗ ପକ୍ଷରୁ ଜାରି କରାଯାଇଥିବା ସତର୍କ ସୂଚନା ଅନୁସାରେ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଉପକୂଳରେ ଅଶାନ୍ତ ସମୁଦ୍ର, ପ୍ରବଳ ପବନ, ଭାରୀ ବର୍ଷା ଏବଂ ଉପକୂଳବର୍ତ୍ତୀ ଅଞ୍ଚଳରେ ଜଳମଗ୍ନ ହେବାର ଆଶଙ୍କା ରହିଛି । ନରସାପୁରରୁ ପୁରୀ ମଧ୍ୟରେ, ବିଶେଷକରି ଗୋପାଳପୁର ନିକଟରେ ବାତ୍ୟା ସ୍ଥଳଭାଗ ଛୁଇଁବାର ଆଶଙ୍କା ଉପୁଜିଛି । ଶୁକ୍ରବାର ମଧ୍ୟାହ୍ନ ସୁଦ୍ଧା ବାତ୍ୟା ଉପକୂଳ ଅତିକ୍ରମ କରିପାରେ। ସ୍ଥଳଭାଗ ଛୁଇଁବା ସମୟରେ ପବନର ବେଗ ଘଣ୍ଟାପ୍ରତି ୯୦ରୁ ୧୦୦ କିଲୋମିଟର ଏବଂ ଝଟକା ପବନର ବେଗ ୧୧୦ କିଲୋମିଟର ଛୁଇଁପାରେ । ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତିଙ୍କ ସୂଚନା ଅନୁଯାୟୀ, ଅକଓ୍ୱାନ ଦକ୍ଷିଣ ବଙ୍ଗୋପସାଗରର ପଶ୍ଚିମକେନ୍ଦ୍ରୀୟ ଓ ସଂଲଗ୍ନ କେନ୍ଦ୍ରୀୟ ଅଞ୍ଚଳରେ କେନ୍ଦ୍ରୀଭୂତ ରହିଛି । ଏହା ଗୋପାଳପୁରଠାରୁ ୪୧୦ କିଲୋମିଟର ଏବଂ ପୁରୀଠାରୁ ୪୭୦ କିଲୋମିଟର ଦକ୍ଷିଣରେ ରହିଛି । ବାତ୍ୟା ଘଣ୍ଟାପ୍ରତି ୧୨ କିଲୋମିଟର ବେଗରେ ଉତ୍ତର-ଉତ୍ତରପଶ୍ଚିମ ଦିଗରେ ଗତି କରୁଛି । ବାତ୍ୟା ପ୍ରଭାବରେ ଅତ୍ୟନ୍ତ ପ୍ରବଳ ବର୍ଷା ଆଶଙ୍କାରେ ଗଞ୍ଜାମ, ଗଜପତି, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ କନ୍ଧମାଳ ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି ହୋଇଛି । ଏହି ଜିଲ୍ଲାଗୁଡ଼ିକରେ ୨୦ ସେଣ୍ଟିମିଟର କିମ୍ବା ତା'ଠାରୁ ଅଧିକ ବର୍ଷା ହୋଇପାରେ। ସେହିପରି ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ନୟାଗଡ଼, ଖୋର୍ଦ୍ଧା, କଟକ, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି ହୋଇଛି। ଏହି ଜିଲ୍ଲାଗୁଡ଼ିକରେ ୧୨ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ଅତି ପ୍ରବଳ ବର୍ଷା ହୋଇପାରେ। ଅନୁଗୁଳ, ଢେଙ୍କାନାଳ, ବୌଦ୍ଧ, କଳାହାଣ୍ଡି, ନବରଙ୍ଗପୁର ଓ କେନ୍ଦୁଝର ଜିଲ୍ଲାକୁ ପ୍ରବଳ ବର୍ଷା ପାଇଁ ୟେଲୋ ଆଲର୍ଟ ଜାରି ହୋଇଛି। ଏଠାରେ ୭ରୁ ୧୨ ସେଣ୍ଟିମିଟର ବର୍ଷା ହୋଇପାରେ । ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି ହୋଇଛି। ଏହି ଦୁଇ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ କେତେକ ସ୍ଥାନରେ ଅତ୍ୟନ୍ତ ପ୍ରବଳ ବର୍ଷା ହୋଇପାରେ। ଆଗାମୀ ଦୁଇ ଦିନ ଧରି ବିଜୁଳି ଓ ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ରହିଛି। ତେବେ ନଭେମ୍ବର ୨୧ରୁ ବର୍ଷାର ପରିମାଣ କମିବା ସମ୍ଭାବନା ରହିଛି । ବାତ୍ୟାକୁ ଦୃଷ୍ଟିରେ ରଖି ମତ୍ସ୍ୟଜୀବୀଙ୍କ ପାଇଁ ନଭେମ୍ବର ୨୧ ତାରିଖ ସକାଳ ପର୍ଯ୍ୟନ୍ତ ସତର୍କ ସୂଚନା ଜାରି ହୋଇଛି । ଏହି ସମୟ ମଧ୍ୟରେ ଓଡ଼ିଶା ଉପକୂଳ ଦେଇ ସମୁଦ୍ର ମଧ୍ୟକୁ ମାଛ ଧରିବାକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି । ବାତ୍ୟା 'ଅକଓ୍ୱାନ' ଲ୍ୟାଣ୍ଡଫଲ୍ ପରେ ଓଡ଼ିଶାରେ କ'ଣ ପ୍ରଭାବ ପକାଇବ ସେନେଇ ଆଇଏମଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ଶୁକ୍ରବାର ମଧ୍ୟାହ୍ନ ୧୨ଟାରୁ ଲ୍ୟାଣ୍ଡଫଲ୍ ଆରମ୍ଭ ହେବ ଓ ଏହି ପ୍ରକ୍ରିୟା ଚାଲିବ ପ୍ରାୟ ୨ରୁ ୩ ଘଣ୍ଟା। ତେବେ ପ୍ରଥମେ ବାତ୍ୟା ଆନ୍ଧ୍ର ଉପକୂଳ ସଂସ୍ପର୍ଶରେ ଆସିବ । ପରେ ଏହା ଉତ୍ତର ଏବଂ ଉତ୍ତର ପୂର୍ବ ଦିଗକୁ ଗତି କରିପାରେ। ବିଶେଷ କରି ଏହାର ପ୍ରଭାବ ଦକ୍ଷିଣ ଓଡ଼ିଶାର ଜିଲା ଗଞ୍ଜାମ, ଗଜପତି, ପୂର୍ବ ଓଡ଼ିଶାର ପୁରୀ, ଖୋର୍ଦ୍ଧା, ନୟାଗଡ଼, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର ଏବଂ ଉତ୍ତର ଓଡ଼ିଶାର ବାଲେଶ୍ୱର, ଭଦ୍ରକ ଏବଂ ମୟୂରଭଞ୍ଜ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ ସମୁଦ୍ର ଅଶାନ୍ତ ରହିବ । ୨୦ରେ ସବୁଠାରୁ ଅଧିକ ବର୍ଷା ହେବ । ଆନ୍ଧ୍ରରେ ପବନ ବେଗ ଅଧିକ ରହିବ। ମଧ୍ୟରାତ୍ରରୁ ପବନ ବହିବ ଓ ୨୦ ତାରିଖ ଦ୍ୱିପହର ପର୍ଯ୍ୟନ୍ତ ପ୍ରଭାବ ରହିବ। ଗଛ ଭାଙ୍ଗିବା, କଚ୍ଚା ଘର କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି।



- ଆଜି ମଧ୍ୟାହ୍ନ ୧୨ଟାରୁ ଗୋପାଳପୁରରେ ଲ୍ୟାଣ୍ଡଫଲ୍ !
- ପ୍ରଥମେ ବାତ୍ୟା ଆନ୍ଧ୍ର ଉପକୂଳ ସଂସ୍ପର୍ଶରେ ଆସିବ
- ପ୍ରକ୍ରିୟା ଚାଲିବ ପ୍ରାୟ ୨ରୁ ୩ ଘଣ୍ଟା
- ୬ ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି
- ଆଜି ପ୍ରବଳ ବର୍ଷାବ, ୨୧ରୁ ବର୍ଷାର ପରିମାଣ କମିପାରେ
- ଉପକୂଳବର୍ତ୍ତୀ ଅଞ୍ଚଳ ଜଳମଗ୍ନ ହେବା ଆଶଙ୍କା


ଭୁବନେଶ୍ୱର-କଟକକୁ ବାତ୍ୟା ଭୟ

୭୦ କିମି ବେଗରେ ପବନ ବହିପାରେ !

ଭୁବନେଶ୍ୱର, ୧୯।୧୧: ଆସନ୍ତା ବାତ୍ୟାର ପ୍ରଭାବ ରାଜଧାନୀ ଭୁବନେଶ୍ୱର ସମେତ କଟକ ଉପରେ ମଧ୍ୟ ପଡ଼ିବ। ଏନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି । ବିଶେଷକରି ଖୋର୍ଦ୍ଧା ଜିଲ୍ଲାରେ ପବନର ବେଗ ଅଧିକ ରହିବାର ଆଶଙ୍କା ରହିଛି । ଖୋର୍ଦ୍ଧା ଜିଲ୍ଲାରେ ଘଣ୍ଟାପ୍ରତି ୬୦ରୁ ୭୦ କିଲୋମିଟର ବେଗରେ ପବନ ବହିପାରେ। ଅନ୍ୟପକ୍ଷରେ କଟକରେ ପବନର ବେଗ ତୁଳନାତ୍ମକ ଭାବେ କମ୍ ରହିବ। ରାତି ପ୍ରାୟ ୧୧ଟାରେ ମିଳିଥିବା ଏକ ସୂଚନା ମୁତାବକ ଆଗାମୀ ୩ଘଣ୍ଟା ମଧ୍ୟରେ ଭୁବନେଶ୍ୱରରେ ୫୦ରୁ ୬୦ କିମି ବେଗରେ ପବନ ସାଙ୍ଗକୁ ବର୍ଷା ହେବ । ସହରାଞ୍ଚଳରେ ଗଛ ଭାଙ୍ଗିବା, ଜଳବନ୍ଦୀ ସମସ୍ୟା ପ୍ରଭୃତି ନେଇ ଏକ ହେଲ୍‌ପ ଲାଇନ ନମ୍ବର ଜାରି କରାଯାଇଛି । ଏହି ନମ୍ବର ହେଉଛି ୧୯୨୯ । ବାତ୍ୟାକୁ ଦୃଷ୍ଟିରେ ରଖି ୨୧ ନଭେମ୍ବର ପର୍ଯ୍ୟନ୍ତ କୋଣାର୍କ ସୂର୍ଯ୍ୟ ମନ୍ଦିର ବନ୍ଦ ରହୁଛି ।

ଗଞ୍ଜାମରେ 'ଅକଓ୍ୱାନ' ପ୍ରକୋପ ଆରମ୍ଭ

ଲକ୍ଷାଧିକ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତରଣ ଆରମ୍ଭ



ଗଂଜାମ, ୧୯।୧୧: 'ଅକଓ୍ୱାନ' ପ୍ରକୋପ ଗଞ୍ଜାମ ଜିଲ୍ଲାରେ ଆରମ୍ଭ ହୋଇଛି। ଜିଲ୍ଲା ପ୍ରଶାସନର ସମସ୍ତ ଆଶ୍ୱାସନା ସତ୍ତ୍ୱେ ଗଞ୍ଜାମ ଜିଲ୍ଲାର ଜନସାଧାରଣଙ୍କ ମନରେ ଆଶଙ୍କା ଓ ଆତଙ୍କ ସୃଷ୍ଟି ହୋଇଛି। କାରଣ ବାତ୍ୟା ଗୋପାଳପୁର ନିକଟ ପୂର୍ବ ଭାଗରେ ସ୍ଥଳଭାଗ ଛୁଇଁବା ସ୍ପଷ୍ଟ ହୋଇଛି। ସକାଳୁ ଝିପିଝିପି ବର୍ଷା ଆରମ୍ଭ ହୋଇଯାଇଛି । ପବନ ମଧ୍ୟ ବୋହିବା ଆରମ୍ଭ ହେଉଛି। ବର୍ତ୍ତମାନ ବାତ୍ୟା ସମୁଦ୍ରରୁ ସ୍ଥଳ ଭାଗ ଆଡକୁ ୧୨କିଲୋମିଟର ବେଗରେ ଗତି କରୁଛି। ବନ୍ୟା ଓ ବାତ୍ୟାରୁ ଲୋକଙ୍କୁ ସୁରକ୍ଷା ଦେବା ପାଇଁ ତଥା ଖାଲୁଆ ଓ ଭୂସ୍ଖଳନ ହେଉଥିବା ପାର୍ବତ୍ୟ ଅଞ୍ଚଳର ପ୍ରାୟ ୨୫ହଜାର ଲୋକଙ୍କୁ ଗତକାଲି ବୁଧବାର ରାତି ସୁଦ୍ଧା ନିରାପଦ ସ୍ଥାନକୁ ନେଇ ରଖାଯାଇଛି। ସେମାନଙ୍କୁ ତିନି ଦିନ ଯାଏଁ ଶୁଖିଲା ଓ ରନ୍ଧାଖାଦ୍ୟ ଦେବାପାଇଁ ବ୍ୟବସ୍ଥା କରାଯାଇଛି। ଲକ୍ଷାଧିକ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତରିତ କରାଯାଉଥିବା ନେଇ ଗଞ୍ଜାମ ଜିଲ୍ଲାପାଳ ସୂଚନା ଦେଇଛନ୍ତି।

ବାତ୍ୟା 'ଅକଓ୍ୱାନ' ମୁକାବିଲା ପାଇଁ ବ୍ୟାପକ ପ୍ରସ୍ତୁତି

✱ ୧.୦୫ ଲକ୍ଷରୁ ଅଧିକ ଲୋକ ସ୍ଥାନାନ୍ତର ✱ ୬,୧୦୯ ସମ୍ବେଦନଶୀଳ ସ୍ଥାନ ଚିହ୍ନଟ ✱ ୬୦ ଓଡ୍ରାଫ୍ ଓ ୧୪ ଏନ୍‌ଡିଆରଏଫ୍ ଟିମ୍ ମୁତୟନ

ଭୁବନେଶ୍ୱର,୧୯।୧୧: ସମ୍ଭାବ୍ୟ ବାତ୍ୟା 'ଅକଓ୍ୱାନ'ର ମୁକାବିଲାପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ସମ୍ଭାବ୍ୟ ପ୍ରଭାବିତ ଅଞ୍ଚଳରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ସହ ଉଦ୍ଧାର, ରିଲିଫ୍ ଓ ଜରୁରୀକାଳୀନ ସେବାକୁ ଜୋରଦାର କରାଯାଇଛି। ଜିରୋ କାଜୁଆଲିଟି ବା ଶୂନ୍ୟ ମୃତ୍ୟୁ ସରକାରଙ୍କସର୍ବୋଚ୍ଚ ପ୍ରାଥମିକତା ବୋଲି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି। ଗୁରୁବାର ସକାଳେ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟରେ ସ୍ଥିତି ସମୀକ୍ଷା କରିବା ପରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ ଭାରତୀୟ ପାଣିପାଗ ବିଭାଗ (ଆଇଏମଡ଼ି)ର ଆକଳନ ଅନୁଯାୟୀ ବାତ୍ୟାର ସମ୍ଭାବ୍ୟ ଗତିପଥ ପୁରୀ ଓ ଗୋପାଳପୁର ମଧ୍ୟବର୍ତ୍ତୀ ଅଞ୍ଚଳ ଦେଇ ରହିବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ସମ୍ଭାବ୍ୟ ପ୍ରଭାବିତ ଅଞ୍ଚଳରେ ସମସ୍ତ ପ୍ରସ୍ତୁତିକୁ ତ୍ୱରାନ୍ୱିତ କରାଯାଇଛି। ବାତ୍ୟା ଆଶଙ୍କା ଥିବା ୬,୧୦୯ଟି ସମ୍ବେଦନଶୀଳ ସ୍ଥାନ ଚିହ୍ନଟ କରାଯାଇ ସେଠାରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଉଛି। ବୁଧବାର ସନ୍ଧ୍ୟାରୁ ଆରମ୍ଭ ହୋଇଥିବା ସ୍ଥାନାନ୍ତର ପ୍ରକ୍ରିୟାଗୁରୁବାର ସକାଳେ ମଧ୍ୟ ଜାରି ରହିଛି। ଆବଶ୍ୟକତା ଅନୁଯାୟୀ ସମସ୍ତ ସମ୍ଭାବ୍ୟ ପ୍ରଭାବିତ ଲୋକଙ୍କୁସୁରକ୍ଷିତ ସ୍ଥାନକୁ ନିଆଯିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି ।ସମ୍ଭାବ୍ୟ ପ୍ରଭାବିତ ଜିଲ୍ଲାଗୁଡ଼ିକରେ ୯,୨୯୯ଟି ବାତ୍ୟାଆଶ୍ରୟସ୍ଥଳ ଚିହ୍ନଟ କରାଯାଇଛି। ଏହି ଆଶ୍ରୟସ୍ଥଳଗୁଡ଼ିକରେ ଲୋକଙ୍କ ପାଇଁ ରନ୍ଧା ଖାଦ୍ୟ, ଶୁଖିଲା ଖାଦ୍ୟ, ପାନୀୟ ଜଳ, ଜରୁରୀ ଔଷଧ, ସାନିଟାରୀ ନାପକିନ୍ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀର ବ୍ୟବସ୍ଥା କରାଯାଉଛି। ଶିଶୁମାନଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ଖାଦ୍ୟବ୍ୟବସ୍ଥା ରହିଛି। ଆଶ୍ରୟସ୍ଥଳରେ ସହାୟତା ପାଇଁ ଆଶା ଓ ଅଙ୍ଗନବାଡ଼ି କର୍ମୀଙ୍କୁ ନିୟୋଜିତ କରାଯାଇଛି । ଆଗୁଆ ସତର୍କତାମୂଳକ ପଦକ୍ଷେପ ଭାବେ ନଭେମ୍ବର ୩୦ ସୁଦ୍ଧା ପ୍ରସବହେବାକୁ ଥିବା ଗର୍ଭବତୀ ମହିଳାମାନଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ଏଯାବତ୍ ପ୍ରାୟ ୧,୦୫, ୩୦୪ ଜଣଙ୍କୁ ସ୍ଥାନାନ୍ତର କରାଯାଇ ୧,୨୨୪ଟି ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳରେ ରଖାଯାଇଛି। ଏଥିମଧ୍ୟରୁ ଗଞ୍ଜାମ ଜିଲ୍ଲାରେ ୪୫,୩୬୪ ଏବଂ ଗଜପତି ଜିଲ୍ଲାରେ ୧୮ ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ଗଜପତି ଓ କନ୍ଧମାଳ ଜିଲ୍ଲାର ଭୂସ୍ଖଳନପ୍ରବଣ ଅଞ୍ଚଳ ଏବଂ ପାହାଡ଼ ପାଦଦେଶରେ ଥିବା ଗ୍ରାମଗୁଡ଼ିକରୁ ମଧ୍ୟ ଲୋକଙ୍କୁ ସୁରକ୍ଷିତସ୍ଥାନକୁ ନିଆଯାଉଛି । ୨୯୫ ଉଦ୍ଧାରକାରୀ ଟିମ୍ ମୁତୟନବାତ୍ୟା ମୁକାବିଲା ଓ ଜରୁରୀକାଳୀନ ଉଦ୍ଧାର କାର୍ଯ୍ୟ ପାଇଁ ୬୦ଟିଓଡ୍ରାଫ୍ ଟିମ୍, ୧୪ଟି ଏନଡିଆଏଫ ଟିମ୍ ଏବଂ ଅଗ୍ନିଶମ ବିଭାଗର ୨୨୧ଟି ଟିମ୍ ବିଭିନ୍ନ ଜିଲ୍ଲାରେ ମୁତୟନ ହୋଇଛନ୍ତି। ଆବଶ୍ୟକ ପଡ଼ିଲେ ଅଧିକ ଟିମ୍ ନିୟୋଜିତ କରାଯିବ।

୬ ଜିଲ୍ଲାରେ ଇଣ୍ଟ୍ରା ସର୍କଲ୍ ରୋମିଂ

ନିଜ କମ୍ପାନୀର ନେଟୱର୍କ ନ ଥିଲେ ବି ଅନ୍ୟ କମ୍ପାନୀ ନେଟୱର୍କରେ ଚାଲିବ ମୋବାଇଲ



ଭୁବନେଶ୍ୱର,୧୯।୧୧: ବାତ୍ୟା 'ଅକଓ୍ୱାନ୍' ପାଇଁ ରାଜ୍ୟର ୬ ଜିଲ୍ଲାରେ ସ୍ୱତନ୍ତ୍ର ମୋବାଇଲ୍ ନେଟୱର୍କ ବ୍ୟବସ୍ଥା ପାଇଁ ବଡ଼ ପଦକ୍ଷେପ ନେଇଛି କେନ୍ଦ୍ର ଦୂରସଞ୍ଚାର ବିଭାଗ। ନିଜ କମ୍ପାନୀର ନେଟୱର୍କ ନଥିଲେ ବି ଅନ୍ୟ କମ୍ପାନୀ ନେଟୱର୍କରେ ମୋବାଇଲ ଚାଲିବ । ଏହା ହେଉଛି ଇଣ୍ଟ୍ରା ସର୍କଲ୍ ରୋମିଂ ବା ଆଇସିଆର ସୁବିଧା । ଫଳରେ ବାତ୍ୟା ସମୟରେ ଗୋଟିଏ କମ୍ପାନୀର ମୋବାଇଲ୍ ନେଟୱର୍କ ଅଚଳ ହେଲେ ଗ୍ରାହକ ଅନ୍ୟ କମ୍ପାନୀର ଉପଲବ୍ଧ ନେଟୱର୍କ ବ୍ୟବହାର କରିପାରିବେ। ଗଞ୍ଜାମ, ଗଜପତି, ପୁରୀ, କେନ୍ଦ୍ରାପଡ଼ା, ଜଗତସିଂହପୁର ଓ ଖୋର୍ଦ୍ଧା ଏପରି ୬ ଜିଲ୍ଲାରେ ଏହି ସ୍ୱତନ୍ତ୍ର ବ୍ୟବସ୍ଥା ଏବେ କାର୍ଯ୍ୟକାରୀ ହେବ । ଏଥିପାଇଁ ଏୟାରଟେଲ୍, ବିଏସଏନଏଲ୍, ରିଲାଏନ୍ସ ଜିଓ ଓ ଭୋଡାଫୋନ୍-ଆଇଡିଆକୁ ଦୂରସଞ୍ଚାର ବିଭାଗ ନିର୍ଦ୍ଦେଶ ଦେଇଛି । ନଭେମ୍ବର ୧୯ ତାରିଖ ରାତି ୧୧ଟା ୫୯ ମିନିଟ୍ ୫୯ ସେକେଣ୍ଡରୁ ନଭେମ୍ବର ୨୦ ତାରିଖ ରାତି ୧୧ଟା ୫୯ ମିନିଟ୍ ୫୯ ସେକେଣ୍ଡ ପର୍ଯ୍ୟନ୍ତ ଏହି ସୁବିଧା ଉପଲବ୍ଧ ରହିବ। ତେବେ ଏହା ପୂର୍ବରୁ ନୂଆ ନିର୍ଦ୍ଦେଶ ଆସିଲେ ସେହି ଅନୁସାରେ ବ୍ୟବସ୍ଥାରେ ପରିବର୍ତ୍ତନ ହୋଇପାରେ। କେମିତି କାମ କରିବ ଏହି ବ୍ୟବସ୍ଥା ? ଉଦାହରଣସ୍ୱରୂପ ଯଦି ଆପଣଙ୍କ ପାଖରେ ଜିଓ ସିମ୍ ଅଛି । ବାତ୍ୟା ଯୋଗୁଁ ଜିଓ ଟାୱାର ଅଚଳ ହୋଇଗଲା। ଏଭଳି ସ୍ଥିତିରେ ଆପଣଙ୍କ ମୋବାଇଲ୍ ଏୟାରଟେଲ୍ କିମ୍ବା ଅନ୍ୟ ଉପଲବ୍ଧ କମ୍ପାନୀର ନେଟୱର୍କ ସହ ସଂଯୋଗ ହୋଇପାରିବ । ସେହିପରି ଅନ୍ୟ କମ୍ପାନୀର ଗ୍ରାହକମାନେ ମଧ୍ୟ ଏହି ସୁବିଧା ପାଇପାରିବେ । ଅନ୍ୟ ରାଜ୍ୟରୁ ଆସି ଏହି ୬ଟି ଜିଲ୍ଲାରେ ରହୁଥିବା ମୋବାଇଲ୍ ଗ୍ରାହକଙ୍କ ପାଇଁ ମଧ୍ୟ ଏହି ବ୍ୟବସ୍ଥା ଲାଗୁ ହେବ । ବାତ୍ୟା ସମୟରେ ଲୋକମାନେ ଯେପରି ପରିବାର ସହ ଯୋଗାଯୋଗ କରିପାରିବେ ଏବଂ ଜରୁରୀ ସୂଚନା ପାଇପାରିବେ, ସେଥିପାଇଁ ଏହି ପଦକ୍ଷେପ ନିଆଯାଇଛି। ତେବେ ଏହି ସୁବିଧା ପାଇଁ ଅଞ୍ଚଳରେ ଅତି କମ୍‌ରେ ଗୋଟିଏ କମ୍ପାନୀର ନେଟୱର୍କ ସକ୍ରିୟ ରହିବା ଆବଶ୍ୟକ ।

୩୦ରେ ଅବସର ନେବେ ଡିଜିପି



ଭୁବନେଶ୍ୱର,୧୯।୧୧: ଓଡ଼ିଶାର ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ବିନୟତୋଷ ମିଶ୍ରଙ୍କ କାର୍ଯ୍ୟକାଳ ନଭେମ୍ବର ୩୦ ତାରିଖରେ ଶେଷ ହେଉଛି। ଏନେଇ ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି। ବିଜ୍ଞପ୍ତି ଅନୁଯାୟୀ, କଟକ ସ୍ଥିତ ସିଆଇଡି-ସିବିର ମହାନିର୍ଦ୍ଦେଶକ ତଥା ଡିଜିପି (ପୋଲିସ ବାହିନୀର ମୁଖ୍ୟ) ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଥିବା ଆଇପିଏସ୍ (୧୯୯୩ ବ୍ୟାଚ୍) ଅଧିକାରୀ ବିନୟତୋଷ ମିଶ୍ର, ୬୦ ବର୍ଷ ବୟସରେ ଅବସର ଗ୍ରହଣ କରିବେ। ସେ ୩୦.୧୧.୨୦୨୬ ତାରିଖ (ଅପରାହ୍ନ) ଠାରୁ ସରକାରୀ ଚାକିରିରୁ ଅବସର ନେବେ। ତାଙ୍କର ଜନ୍ମ ତାରିଖ ହେଉଛି ୦୩.୧୧.୧୯୬୬। ରାଜ୍ୟପାଳଙ୍କ ଆଦେଶକ୍ରମେ ଗୃହ ବିଭାଗ ପକ୍ଷରୁ ନଭେମ୍ବର ୧୮ ତାରିଖରେ ଏହି ବିଜ୍ଞପ୍ତି (ନଂ. ୪୦୭୮୪ / ଆଇପିଏସ୍) ଜାରି କରାଯାଇଛି।

ହଟ୍ଟଗୋଳରେ ଧୋଇଗଲା ଅଧିବେଶନ



ଭୁବନେଶ୍ୱର,୧୯।୧୧: ଯାହା ଆକଳନ କରାଯାଉଥିଲା ତାହା ହିଁ ଘଟିଛି। ଦ୍ୱିତୀୟ ଦିନରେ ବି ଚାଲିପାରିଲାନାହିଁ ପ୍ରଶ୍ନକାଳ । ବିଜେଡି ସଦସ୍ୟମାନେ ବନ୍ୟା ମୁକାବିଲାରେ ସରକାର ବ୍ୟର୍ଥ ହୋଇଥିବା ପ୍ରସଙ୍ଗ ଏବଂ କଂଗ୍ରେସ କୋଟିଆ ପ୍ରସଙ୍ଗକୁ ଗୃହରେ ଉଠାଇ ସରକାରଙ୍କୁ ଘେରିଥିଲେ । ଉଭୟ ବିଜେଡି ଓ କଂଗ୍ରେସ ପ୍ଲାକାର୍ଡ ଧରି ଗୃହର ମଧ୍ୟଭାଗକୁ ଆସି ନାରାବାଜି କରିଥିଲେ । ଗୃହ ଅଧିବେଶନ ଠିକ ଭାବେ ଚାଲିପାରିନଥିଲା। ଏନେଇ ବାଚସ୍ପତି ସୁରମା ପାତ୍ରୀ ଗୃହକୁ ଅପରାହ୍ନ ୪ଟା ଯାଏଁ ମୁଲତବୀ ଘୋଷଣା କରିଛନ୍ତି । ଚଳିତ ଶୀତ ଅଧିବେଶନରେ ମୋଟ ୩୩ଟି କାର୍ଯ୍ୟ ଦିବସ ରହିଛି । ସୂଚନା ଥାଉକି, ବୁଧବାର ମଧ୍ୟ ବିରୋଧୀଙ୍କ ହଟ୍ଟଗୋଳରେ ଗୃହ କାର୍ଯ୍ୟ ଚାଲିପାରିନଥିଲା । ବାଚସ୍ପତି ମୁଲତବୀ କରିଥିଲେ ।

ଭୂସ୍ଖଳନ ପରିଚାଳନା

ଉତ୍ତରାଖଣ୍ଡ ଅଭିଜ୍ଞତା ହେବ ଉପଯୋଗୀ

- ଓଡ଼ିଶାର ବିପର୍ଯ୍ୟୟ ମୁକାବିଲା କ୍ଷମତା ହେବ ଅଧିକ ସୁଦୃଢ଼
- ଖୁବ୍‌ଶୀଘ୍ର ୟୁଏସଡିଏମ୍‌ଏ ସହ ଏମ୍‌ଓୟୁ ସ୍ୱାକ୍ଷର

ଭୁବନେଶ୍ୱର, ୧୯।୧୧ : ରାଜ୍ୟର ପାହାଡ଼ିଆ ଜିଲ୍ଲାଗୁଡ଼ିକରେ ଦେଖାଦେଉଥିବା ଭୂସ୍ଖଳନ ସମସ୍ୟାର ସ୍ଥାୟୀ ପ୍ରତିକାର ପାଇଁ ଓଡ଼ିଶା ଓ ଉତ୍ତରାଖଣ୍ଡ ମିଳିତ ଭାବେ କାର୍ଯ୍ୟ କରିବେ। ଏଥିନେଇ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଓସଡମା) ଏବଂ ଉତ୍ତରାଖଣ୍ଡ ରାଜ୍ୟ ବିପର୍ଯ୍ୟୟ ପରିଚାଳନ

ସଂଯମ, ସେବା ଓ ସଂସ୍କାରର ପୁଣ୍ୟ ମାସ











ସନାତନ ସଂସ୍କୃତି ଓ ଓଡ଼ିଆ ଜାତୀୟ ଜୀବନରେ କାର୍ତ୍ତିକ ମାସ କେବଳ ତିରିଶ ଦିନର ଅବଧି ବା ପଞ୍ଜିକାର ପୃଷ୍ଠା ନୁହେଁ; ଏହା ମାନବ ଆତ୍ମାର ଏକ ପୁଣ୍ୟ ଉତ୍ସବ, ଆତ୍ମନିରୀକ୍ଷଣର ଶୁଭ ଅବସର ଏବଂ ଚେତନାର ଶୁଦ୍ଧି ପାଇଁ ଉଦ୍ଦିଷ୍ଟ ଏକ ଅପୂର୍ବ ତପସ୍ୟା। ଓଡ଼ିଶାର ଘରେ ଘରେ ଶ୍ରଦ୍ଧା ଓ ନିଷ୍ଠାର ସହ ଗାନ କରାଯାଉଥିବା ମହାଦେବ ଦାସଙ୍କ ପବିତ୍ର 'କାର୍ତ୍ତିକ ମାହାତ୍ମ୍ୟ' ପୋଥିରେ ଉଲ୍ଲେଖ ରହିଛି'ଦେହ ନ ଥିଲେ କାହୁଁ ଜ୍ଞାନ, ତେଣୁ ଏ ଦେହ ସର୍ବଶୂନ୍ୟ, ତେଣୁ ଏ ଦେହ ସାରସ୍ୱତ, ଯହୁଁ ଏ ହୋଇଲା ସମ୍ଭୂତ, ତା ନାମ ମାତା ପିତା କହି, ଏ ପିଣ୍ଡେ ଅଧିକାରୀ ସେହି।' ଏହି ପଦ କେବଳ ଧାର୍ମିକ କଥନ ନୁହେଁ, ବରଂ ଏହା ମାନବ ଜୀବନ ଦର୍ଶନର ଏକ ଅତୁଳନୀୟ ମୂଳଦୁଆ। ଏହି ପଂକ୍ତିଟି ଜୀବନ, ଦେହ, ଜ୍ଞାନ ଏବଂ ସୃଷ୍ଟିକର୍ତ୍ତା ପିତାମାତାଙ୍କ ପ୍ରତି କୃତଜ୍ଞତାର ଏକ ମହାନ୍ ସମନ୍ୱୟ। ଶରୀର ନ ଥିଲେ ଆତ୍ମଜ୍ଞାନ, ଈଶ୍ୱର ଚିନ୍ତନ ବା ଧର୍ମାଚରଣ ସମ୍ଭବ ନୁହେଁ। ଅଥଚ ସେହି ଦେହ ଏକଦିନ ପଞ୍ଚଭୂତରେ ଲୀନ ହୋଇ ଶୂନ୍ୟ ହୋଇଯିବ। ପୁଣି ଏହି କ୍ଷଣଭଙ୍ଗୁର ଦେହ ହିଁ ସାରସ୍ୱତ ଜ୍ଞାନ ଓ ସାଧନାର ଆଧାର। ଯେଉଁ ପିତାମାତାଙ୍କ ସ୍ନେହ, ରକ୍ତ ଓ ସଂସ୍କାରରୁ ଏହି ପିଣ୍ଡର ସୃଷ୍ଟି, ସେମାନେ ହିଁ ଏହାର ପ୍ରକୃତ ଅଧିକାରୀ। ଏହି ଗଭୀର ଆଦର୍ଶ ହିଁ କାର୍ତ୍ତିକ ମାସର ପବିତ୍ର ବ୍ରତ, ଧର୍ମ ଓ ନୈତିକତାର ପ୍ରାଣବିନ୍ଦୁ। କାର୍ତ୍ତିକ ମାହାତ୍ମ୍ୟର ଦର୍ଶନ ଶିଖାଏ ଯେ 'ଶରୀରମାଦ୍ୟଂ ଖଳୁ ଧର୍ମସାଧନମ୍' ଅର୍ଥାତ୍ ଶରୀର ହିଁ ଧର୍ମ ଆଚରଣର ପ୍ରଥମ ଓ ପ୍ରଧାନ ମାଧ୍ୟମ। ମଣିଷ ଜନ୍ମ ସହଜରେ ମିଳେ ନାହିଁ; ଚଉରାଅଶୀ ଲକ୍ଷ ଯୋନି ଭ୍ରମଣ ପରେ ମିଳିଥିବା ଏହି ନରତନୁ ଜ୍ଞାନ ଅର୍ଜନର ସର୍ବଶ୍ରେଷ୍ଠ କ୍ଷେତ୍ର।

➘ ସର୍ବଶୂନ୍ୟତାର ଚେତନା:

ଏହି ଶରୀର ନିରନ୍ତର ପରିବର୍ତ୍ତନଶୀଳ। ଆଜି ଯାହା ସୁନ୍ଦର, କାଲି ତାହା ବାର୍ଦ୍ଧକ୍ୟ ଓ ମୃତ୍ୟୁର କବଳରେ ଧୂଳିସାତ୍ ହେବ। ଏହି ବୋଧ ମଣିଷକୁ ଅହଂକାରମୁକ୍ତ କରେ। ସାରସ୍ୱତ ସାଧନା: ଯଦିଓ ଦେହ ନଶ୍ୱର, ଏହା ଦିବ୍ୟ ଚେତନା ପ୍ରକାଶର ପାତ୍ର। ଭଲ କର୍ମ, ସତ୍ୟବାଦିତା, ଧ୍ୟାନ ଓ ଜ୍ଞାନ ଦ୍ୱାରା ଏହି ନଶ୍ୱର ଦେହକୁ ମଧ୍ୟ ଅମୃତମୟ କରିହୁଏ। କାର୍ତ୍ତିକ ମାସ ଆମକୁ ମନେ ପକାଇଦିଏ ଯେ ଇନ୍ଦ୍ରିୟଭୋଗ ହିଁ ଜୀବନର ଚରମ ଲକ୍ଷ୍ୟ ନୁହେଁ; ଇନ୍ଦ୍ରିୟକୁ ସଂଯମ କରି ଆତ୍ମସ୍ୱରୂପକୁ ଚିହ୍ନିବା ହିଁ ମାନବ ଜୀବନର ଶ୍ରେଷ୍ଠ ଧର୍ମ।

'ଯହୁଁ ଏ ହୋଇଲା ସମ୍ଭୂତ, ତା ନାମ ମାତା ପିତା କହି, ଏ ପିଣ୍ଡେ ଅଧିକାରୀ ସେହି'ଏହି ପଦରେ ଭାରତୀୟ ସଂସ୍କୃତିର ସର୍ବୋଚ୍ଚ ନୈତିକ ମୂଲ୍ୟବୋଧ ପ୍ରତିଫଳିତ।

➘ ପ୍ରଥମ ଗୁରୁ ଓ ଦେବତା:

ମାତାପିତାଙ୍କ ଠାରୁ ଏହି ଦେହ ପ୍ରାପ୍ତ ହୋଇଛି। ଯେଉଁ ସନ୍ତାନ ନିଜ ଜନ୍ମଦାତା ମାତାପିତାଙ୍କୁ ଅଣଦେଖା କରି ମନ୍ଦିର କିମ୍ବା ତୀର୍ଥରେ ଈଶ୍ୱରଙ୍କୁ ଖୋଜେ, ତାର କୌଣସି ଧର୍ମ କାର୍ଯ୍ୟ ସିଦ୍ଧ ହୁଏ ନାହିଁ।

➘ ବୃଦ୍ଧାଶ୍ରମ ବିରୋଧୀ ଚେତନା:

ଆଜିର ସ୍ୱାର୍ଥପର ଯୁଗରେ ଯେତେବେଳେ ସମ୍ପର୍କର ସୂତ୍ର ଛିଣ୍ଡିଯାଉଛି, ବୟୋଜ୍ୟେଷ୍ଠମାନେ ଅବହେଳିତ ହେଉଛନ୍ତି, ସେତେବେଳେ କାର୍ତ୍ତିକ ମାହାତ୍ମ୍ୟର ଏହି ବାଣୀ ପ୍ରତ୍ୟେକ ଯୁବପିଢ଼ି ପାଇଁ ଚେତାବନୀ ସଦୃଶ। ଏହି ଶରୀର ଉପରେ ପିତାମାତାଙ୍କ ଅଧିକାର ସର୍ବାଗ୍ରେ। ସେମାନଙ୍କ ସେବା ହିଁ ସର୍ବୋତ୍ତମ ପୂଜା।

➘ପାରିବାରିକ ସୌହାର୍ଦ୍ଦ୍ୟ:

କାର୍ତ୍ତିକ ବ୍ରତ କେବଳ ବ୍ୟକ୍ତିଗତ ଉପବାସ ନୁହେଁ, ପରିବାରରେ ସ୍ନେହ, ଆଦର ଓ ପରସ୍ପର ପ୍ରତି ସମ୍ମାନ ବୃଦ୍ଧି କରିବାର ଏକ ସାମାଜିକ ମାଧ୍ୟମ। ଭାଗବତ ଓ ପୁରାଣ ଅନୁସାରେ ବାର ମାସ ମଧ୍ୟରେ କାର୍ତ୍ତିକ ମାସକୁ 'ଦାମୋଦର ମାସ' ବୋଲି କୁହାଯାଏ। ଏହା କୃପା, କ୍ଷମା ଓ ପୁଣ୍ୟର ମାସ।

➘ ହବିଷ୍ୟାନ୍ନ ଓ ଇନ୍ଦ୍ରିୟ ସଂଯମ:

ଏହି ମାସରେ ସାତ୍ତ୍ୱିକ ଖାଦ୍ୟ (ହବିଷ୍ୟାନ୍ନ) ଗ୍ରହଣ କରାଯାଏ। ଆମିଷ, ପିଆଜ, ରସୁଣ ତ୍ୟାଗ କରିବା କେବଳ ଧର୍ମାଚାର ନୁହେଁ, ଏହା ଶରୀରର ପାଚନତନ୍ତ୍ରକୁ ବିଶ୍ରାମ ଦେଇ ମନକୁ ଶାନ୍ତ ଓ ନିର୍ମଳ ରଖିବାର ଏକ ବୈଜ୍ଞାନିକ ପଦ୍ଧତି।

➘ ପ୍ରାତଃ ସ୍ନାନ ଓ ଆକାଶଦୀପ:

ବ୍ରାହ୍ମମୁହୂର୍ତ୍ତରେ ଶୀତଳ ଜଳରେ ସ୍ନାନ କରିବା ଦ୍ୱାରା ଦେହରେ ନୂତନ ଉର୍ଜ୍ଜା ଜାଗ୍ରତ ହୁଏ। ସନ୍ଧ୍ୟାରେ ଆକାଶଦୀପ ପ୍ରଜ୍ୱଳନ ଦ୍ୱାରା ଅଜ୍ଞାନତାର ଅନ୍ଧକାର ଦୂର ହୋଇ ଜ୍ଞାନର ଆଲୋକ ପ୍ରଜ୍ୱଳିତ ହେବାର ସଂକଳ୍ପ ନିଆଯାଏ।



➘ ଚଉରା ମୂଳରେ ମୁରୁଜ ଓ ତୁଳସୀ ପୂଜା:

ଓଡ଼ିଶାର ପୁରପଲ୍ଲୀରେ ମାଆ ଭଉଣୀମାନେ ପ୍ରତ୍ୟେକ ପ୍ରଭାତରେ ତୁଳସୀ ଚଉରା ମୂଳରେ ପଞ୍ଚରଙ୍ଗର ମୁରୁଜରେ ରାଧାଦାମୋଦରଙ୍କ ସୁନ୍ଦର ଚିତା ଆଙ୍କନ୍ତି। ଏହା କଳା, ସୌନ୍ଦର୍ଯ୍ୟ ଓ ଭକ୍ତିର ଏକ ଅପୂର୍ବ ସଙ୍ଗମ। କାର୍ତ୍ତିକ ମାସର ଶେଷ ପାଞ୍ଚ ଦିନ ଅର୍ଥାତ୍ ବଡ଼ ଏକାଦଶୀ ଠାରୁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ସମୟକୁ 'ଭୀଷ୍ମ ପଞ୍ଚକ' ବା 'ବକ ପଞ୍ଚକ' କୁହାଯାଏ। ଏହି ଦିନଗୁଡ଼ିକରେ ଧର୍ମାଚରଣ ଚରମ ସୀମାରେ ପହଞ୍ଚେ।

➘ ଅହିଂସାର ବାର୍ତ୍ତା:

ପଞ୍ଚକ ସମୟରେ ଜୀବଜନ୍ତୁଙ୍କ ପ୍ରତି ଦୟାଭାବ ପୋଷଣ କରାଯାଏ। କୁହାଯାଏ ଯେ ବକ (ବଗ) ପରି ଧ୍ୟାନମଗ୍ନ ଜୀବ ମଧ୍ୟ ଏହି ପାଞ୍ଚ ଦିନ ନିରାମିଷ ରହେ। ଏହା ଜୀବଜଗତ ପ୍ରତି ମଣିଷର ଅହିଂସା ଓ ପ୍ରେମର ପ୍ରତୀକ। ଐତିହାସିକ ବୋଇତ ବନ୍ଦାଣ: କାର୍ତ୍ତିକ ପୂର୍ଣ୍ଣିମାର ପ୍ରଭାତରେ 'ଆ କା ମା ବୈ, ପାନ ଗୁଆ ଥୋଇ...' ଗାନ କରି କଦଳୀ ପତୁଆରେ ଡଙ୍ଗା ଭସାଇବା କେବଳ ଉତ୍ସବ ନୁହେଁ; ଏହା ପ୍ରାଚୀନ କଳିଙ୍ଗର ସାଧବପୁଅଙ୍କ ସାହସିକ ନୌବାଣିଜ୍ୟର ସ୍ମୃତି ଚାରଣ। ଏହା ଆମକୁ ଶିଖାଏ ଯେ ଆମର ପୂର୍ବପୁରୁଷମାନେ ସମୁଦ୍ର ଯାତ୍ରା ପୂର୍ବରୁ ଧର୍ମ, ପୁଣ୍ୟ ଓ ଈଶ୍ୱରୀୟ ଆଶୀର୍ବାଦକୁ ପାଥେୟ କରୁଥିଲେ। କାର୍ତ୍ତିକ ମାସ କେବଳ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ବା ଧର୍ମର ସୀମା ଭିତରେ ଆବଦ୍ଧ ନୁହେଁ। ଏହା ସମଗ୍ର ମାନବ ସମାଜ ପାଇଁ କିଛି ଚିରନ୍ତନ ମୂଲ୍ୟବୋଧ ବହନ କରେ।

➘ ଆତ୍ମସଂଯମ ଓ ଶୃଙ୍ଖଳା:

ଆଧୁନିକ ମଣିଷର ଅନିୟନ୍ତ୍ରିତ ଜୀବନଶୈଳୀ, ଲୋଭ ଓ କାମନାର ନିୟନ୍ତ୍ରଣ ପାଇଁ କାର୍ତ୍ତିକ ବ୍ରତର ସଂଯମ ଏକ ଉତ୍କୃଷ୍ଟ ଉପଶମ। କୃତଜ୍ଞତା ବୋଧ: ଦୁଇ ପ୍ରକାର ମଣିଷ ଥାନ୍ତି ଯଥା: କୃତଜ୍ଞ ଓ କୃତଘ୍ନ। ଯେଉଁ ପ୍ରକୃତି, ସମାଜ ଓ ମାତାପିତା ଆମକୁ ଜୀବନ ଦେଇଛନ୍ତି, ସେମାନଙ୍କ ପ୍ରତି ନତମସ୍ତକ ହେବା ହିଁ ପ୍ରକୃତ ଧର୍ମ।


➘ ସେବା ହିଁ ସାଧନା:

ପୁଣ୍ୟ କେବଳ ପୂଜାପାଠରେ ନାହିଁ; କ୍ଷୁଧାର୍ତ୍ତକୁ ଅନ୍ନ, ଅସହାୟକୁ ସାହାଯ୍ୟ ଏବଂ ସମସ୍ତ ପ୍ରାଣୀଙ୍କୁ ପ୍ରେମ ବାଣ୍ଟିବା ହିଁ କାର୍ତ୍ତିକର ପ୍ରକୃତ ଫଳ। ପରିବେଶ ସୁରକ୍ଷା: ତୁଳସୀ ବୃକ୍ଷର ପୂଜା ଓ ଜଳାଶୟରେ ସ୍ନାନ ଆମକୁ ପ୍ରକୃତି, ନଦୀ ଓ ଔଷଧୀୟ ଉଦ୍ଭିଦ ସହ ଯୋଡ଼ି ରଖିବାକୁ ପ୍ରେରଣା ଦିଏ। 'କାର୍ତ୍ତିକ ମାହାତ୍ମ୍ୟ'ର ସେହି ଅମର ବାଣୀ ଆମ ହୃଦୟରେ ଏକ ଚିରନ୍ତନ ଦୀପଶିଖା ପ୍ରଜ୍ୱଳିତ କରେ। ଏହି ଦେହ କ୍ଷଣସ୍ଥାୟୀ ହୋଇପାରେ, କିନ୍ତୁ ଏହି ଦେହ ମାଧ୍ୟମରେ କରାଯାଇଥିବା ସୁକର୍ମ, ପରୋପକାର ଓ ମାତୃ-ପିତୃ ଭକ୍ତି ଚିରଦିନ ପାଇଁ ଅମର ରହିଯାଏ। କାର୍ତ୍ତିକ ମାସ ଆମକୁ ଅସତ୍ୟରୁ ସତ୍ୟ ଆଡ଼କୁ, ଅନ୍ଧକାରରୁ ଆଲୋକ ଆଡ଼କୁ ଏବଂ ମୃତ୍ୟୁରୁ ଅମୃତ ଆଡ଼କୁ ବାଟ କଢ଼ାଇ ନିଏ। କାର୍ତ୍ତିକ ମାସର ଏହି ପବିତ୍ର ଉପଲକ୍ଷେ ଆମେ କେବଳ ବାହ୍ୟ ପୂଜାରେ ସୀମିତ ନ ରହି, ଆମ ଅନ୍ତରର ଅହଂକାରକୁ ବିସର୍ଜନ ଦେବା; ମାତାପିତା ଓ ଗୁରୁଜନଙ୍କୁ ଶ୍ରଦ୍ଧାରେ ସେବା କରିବା ଏବଂ ମାନବିକତାକୁ ଜୀବନର ପରମ ଧର୍ମ ଭାବେ ଗ୍ରହଣ କରି ଏହି ସଂସାରକୁ ସୁନ୍ଦର ଓ ପୁଣ୍ୟମୟ କରି ଗଢ଼ିତୋଳିବା।

-ମନୋଜ କୁମାର ଶତପଥି
ଭାପୁର , ନୟାଗଡ଼
ମୋ - ୯୯୩୮୫୫୯୫୬୮

ଭଗବାନଙ୍କ ଜପ ସବୁଠୁ ପ୍ରଭାବଶାଳୀ..

ଯେତେବେଳେ ଜୀବନରେ ଦୁଃଖ,ଚିନ୍ତା ଆଉ କଷ୍ଟପ୍ରଦ ପରିସ୍ଥିତି ସବୁ ବଢ଼ିବାକୁ ଲାଗିଥାଏ, ସେତେବେଳେ ଈଶ୍ୱରଙ୍କ ନାମ ମନକୁ ସାହାରା ଦେଇଥାଏ । ଏହି କାରଣ ହେଲା କି ସନ୍ଥ-ମହାତ୍ମା ସର୍ବଦା ନାମ ଜପ ଆଉ ହରି ଭକ୍ତିକୁ ଜୀବନର ମହତ୍ତ୍ୱପୂର୍ଣ୍ଣ ଅଙ୍ଗ ବନେଇକରି ଶିକ୍ଷା ଦେଇଥାନ୍ତି ।



ଜପ,ସ୍ମରଣ ଆଉ କୀର୍ତ୍ତନ ଏମାନଙ୍କ ମଧ୍ୟରୁ ପ୍ରଥମେ ଜପ କରିବାକୁ କୁହାଯାଏ । ପରମାତ୍ମାଙ୍କ ଯେଉଁ ନାଁରେ ରୁଚି ହୋଇଥିବ, ନିଜର ମନକୁ ରୁଚିକର ହେଉଥିବା ସେହି ନାମର ପରମାତ୍ମାଙ୍କ ଭାବନାରେ ବାରମ୍ବାର ଆବୃତ୍ତି କରିବାର ନାମ ହିଁ 'ଜପ' ଅଟେ । ଜପର ଶାସ୍ତ୍ରରେ ବଡ଼ ମହତ୍ତ୍ୱ ରହିଛି । ଜପକୁ ଯଜ୍ଞ ବୋଲି କୁହାଯାଇଛି । ଜପ ତିନି ପ୍ରକାରର ଅଟେ-ସାଧାରଣ,ଉପାଂଶୁ ଆଉ ମାନସ । ହିନ୍ଦୁ ଧର୍ମରେ ଭଗବାନଙ୍କ ନାମ ଜପ କରିବା ସବୁଠୁ ସରଳ ଆଉ ପ୍ରଭାବଶାଳୀ ସାଧନା ବୋଲି କୁହାଯାଏ । ଧାର୍ମିକ ମାନ୍ୟତାର ଅନୁସାରେ କଳିଯୁଗରେ ଭଗବାନଙ୍କର ଭକ୍ତି ଆଉ ତାଙ୍କର ନାମର ସ୍ମରଣ କରିଲେ ବ୍ୟକ୍ତିକୁ ମାନସିକ ଶାନ୍ତି,ଆତ୍ମବଳ ଆଉ ସକାରାତ୍ମକତା ପ୍ରାପ୍ତ ହୋଇଥାଏ । ଯେତେବେଳେ ଜୀବନରେ ଦୁଃଖ,ଚିନ୍ତା ଆଉ କଷ୍ଟପ୍ରଦ ପରିସ୍ଥିତି ସବୁ ବଢ଼ିବାକୁ ଲାଗିଥାଏ, ସେତେବେଳେ ଈଶ୍ୱରଙ୍କ ନାମ ମନକୁ ସାହାରା ଦେଇଥାଏ । ଏହି କାରଣ ହେଲା କି ସନ୍ଥ-ମହାତ୍ମା ସର୍ବଦା ନାମ ଜପ ଆଉ ହରି ଭକ୍ତିକୁ ଜୀବନର ମହତ୍ତ୍ୱପୂର୍ଣ୍ଣ ଅଙ୍ଗ ବନେଇକରି ଶିକ୍ଷା ଦେଇଥାନ୍ତି । ଧାର୍ମିକ ମାନ୍ୟତା ହେଉଛି ଯେ ଭଗବାନଙ୍କ ନାମ ନେବା ମାତ୍ରରୁ ବ୍ୟକ୍ତିର ମନ ସାଂସାରିକ ଚିନ୍ତାରୁ ହଟି ଆଧ୍ୟାତ୍ମିକତାର ଆଡକୁ ବଢିଥାଏ । ନାମ ଜପର ପାଇଁ କୌଣସି ବିଶେଷ ସ୍ଥାନ,ସମୟ କିମ୍ବା କଠିନ ବିଧିର ଆବଶ୍ୟକତା ହୋଇ ନ ଥାଏ । ବ୍ୟକ୍ତି ସକାଳେ ଉଠିବା ସମୟରେ,ପୂଜା କରିବା ସମୟରେ.ଯାତ୍ରାର ମଧ୍ୟରେ ମଧ୍ୟ ଭଗବାନଙ୍କ ସ୍ମରଣ କରିପାରିବ । ରାମ,କୃଷ୍ଣ,ଶିବ,ବିଷ୍ଣୁ କିମ୍ବା ନିଜର ଆରାଧ୍ୟ ଦେବତାଙ୍କ ନାମର ଜପ ଶ୍ରଦ୍ଧାର ସହିତ କରାଯାଇ ପାରିବ । ନାମ ଜପର ବାସ୍ତବିକ ମହତ୍ତ୍ୱ କେବଳ ବାରମ୍ବାର ଭଗବାନଙ୍କ ନାମ ଦୋହରାବାରେ ନୁହେଁ,ତାହା ପୂରା ଶ୍ରଦ୍ଧା ଆଉ ଭାବରେ ସ୍ମରଣ କରିବାରେ ଥାଏ । ଯେତେବେଳେ ବ୍ୟକ୍ତି ଏକାଗ୍ର ହୋଇକରି ଈଶ୍ୱରଙ୍କୁ ସ୍ମରଣ କରିଥାଏ,ଆଉ ତାହାର ମନ ଶାନ୍ତ ହେବାକୁ ଲାଗିଥାଏ । ଏଥିପାଇଁ ସକାଳ ଆଉ ସଞ୍ଜର ସମୟ ବାଛି ପାରିବ । ଶାନ୍ତ ମନ ଉପରେ ବସି କରି ମାଳାର ସହିତ ମନ୍ତ୍ର ଜପ କରିବା ମଧ୍ୟ ଗୋଟିଏ ଭଲ ଅଭ୍ୟାସ ଅଟେ । ଆଉ ନାମ ଜପର ପାଇଁ ମାଳା ଅନିବାର୍ଯ୍ୟ ନୁହେଁ । ସନ୍ଥଙ୍କ ଅନୁସାରେ ହରି ଭକ୍ତି ବ୍ୟକ୍ତିକୁ କଠିନ ପରିସ୍ଥିତିରେ ଧୈର୍ଯ୍ୟ ଧରିବାର ପ୍ରେରଣା ଦେଇଥାଏ । ଭଗବାନଙ୍କ ପ୍ରତି ବିଶ୍ୱାସ ରଖିଲେ ନିରାଶା କମ୍ ହେଇଥାଏ ଆଉ ଜୀବନରେ ସକାରାତ୍ମକ ଦୃଷ୍ଟିକୋଣ ବିକଶିତ କରିବାରେ ସାହାଯ୍ୟ ମିଳିଥାଏ । ନାମ ଜପର ଉଦ୍ଦେଶ୍ୟ କେବଳ ସଙ୍କଟରୁ ମୁକ୍ତି ମାଗିବାର ବୁହେଁ ଅପିତୁ ନିଜର ମନରେ ପ୍ରେମ,ଦୟା,ବିନମ୍ରତା ଆଉ ଭଲ କର୍ମର ଭାବନାର ବିକଶିତ କରିବା ମଧ୍ୟ ହୋଇଥାଏ ।



ମନୋଜ କୁମାର ବେହେରା
ମୋ-୭୯୭୮୮୩୦୬୧୧

ଜୀବନ ବଦଳାଇ ଦେଇପାରେ ଭଗବଦ୍ ଗୀତାର ୫ ଟି ଶ୍ଲୋକ

ଭଗବଦ୍ ଗୀତା କେବଳ ଏକ ଧାର୍ମିକ ଗ୍ରନ୍ଥ ନୁହେଁ, ବରଂ ଜୀବନକୁ ସଠିକ୍ ଦିଗ ଦେଖାଉଥିବା ଏହା ଏକ ଜ୍ଞାନର ଭଣ୍ଡାର। ଏଥିରେ ୧୮ଟି ଅଧ୍ୟାୟ ଓ ୭୦୦ଟି ଶ୍ଲୋକ ରହିଛି। ଜୀବନରେ ଆସୁଥିବା ଦୁଃଖ, ଚିନ୍ତା, ଦ୍ୱନ୍ଦ୍ୱ ଓ କଠିନ ପରିସ୍ଥିତିର ସାମ୍ନା କରିବାକୁ ଏହି ପବିତ୍ର ଗ୍ରନ୍ଥ ମଣିଷକୁ ଶିକ୍ଷା ଦେଇଥାଏ ଏବଂ ଭଲ ବ୍ୟକ୍ତି ହେବା ପାଇଁ ରାସ୍ତା ଦେଖାଇଥାଏ। ମହାତ୍ମା ଗାନ୍ଧୀ ମଧ୍ୟ ଭଗବଦ୍ ଗୀତାର ଶିକ୍ଷାକୁ ନିଜ ଜୀବନରେ ଗୁରୁତ୍ୱ ଦେଉଥିଲେ। ସେହିପରି ମ୍ୟାନହାଟନ୍ ପ୍ରୋଜେକ୍ଟର ମୁଖ୍ୟ ତଥା ପରମାଣୁ ବୋମା ନିର୍ମାଣ ସହ ଜଡ଼ିତ ବୈଜ୍ଞାନିକ ରବର୍ଟ ଓପେନହାଇମର ମଧ୍ୟ ଗୀତାର ଶ୍ଲୋକକୁ ଉଦ୍ଧୃତ କରିଥିଲେ। ଆସନ୍ତୁ ଜାଣିବା ଜୀବନର ଦୃଷ୍ଟିକୋଣ ବଦଳାଇ ଦେଇପାରୁଥିବା ଏହି ୫ଟି ଶ୍ଲୋକ ବିଷୟରେ।

୧. ଅଧ୍ୟାୟ ୨, ଶ୍ଲୋକ ୨୮: ଭଗବଦ୍ ଗୀତାର ଏହି ଶ୍ଲୋକରେ ଜୀବନ ଓ ମୃତ୍ୟୁର ସତ୍ୟ ସମ୍ପର୍କରେ ବୁଝାଇଛନ୍ତି ଭଗବାନ ଶ୍ରୀକୃଷ୍ଣ। ଶ୍ଲୋକଟି ହେଉଛି, 'ଅବ୍ୟକ୍ତାଦୀନି ଭୂତାନି ବ୍ୟକ୍ତମଧ୍ୟାନି ଭାରତ, ଅବ୍ୟକ୍ତ ନିଧନାନ୍ୟେବ ତତ୍ର କା ପରିଦେବନା'। ଏହାର ଅର୍ଥ ହେଉଛି, ସମସ୍ତ ଜୀବ ଜନ୍ମ ପୂର୍ବରୁ ଅଦୃଶ୍ୟ ଥାଆନ୍ତି ଏବଂ ମୃତ୍ୟୁ ପରେ ପୁଣି ଅଦୃଶ୍ୟ ହୋଇଯାଆନ୍ତି। ତେଣୁ ଜୀବନର ପରିବର୍ତ୍ତନକୁ ନେଇ ଅଧିକ ଚିନ୍ତିତ ହେବା ଉଚିତ୍ ନୁହେଁ। ପରିସ୍ଥିତି ଯେତେ ବଦଳିଲେ ମଧ୍ୟ ଧୈର୍ଯ୍ୟ ରଖି ନିଜ କର୍ତ୍ତବ୍ୟ କରିଚାଲିବା ଆବଶ୍ୟକ।

୨. ଅଧ୍ୟାୟ ୨, ଶ୍ଲୋକ ୫୯: ଏହି ଶ୍ଲୋକ ମଣିଷକୁ ନିଜର ଇଚ୍ଛା ଓ ଇନ୍ଦ୍ରିୟ ଉପରେ ନିୟନ୍ତ୍ରଣ ରଖିବାର ଶିକ୍ଷା ଦେଇଥାଏ। ଶ୍ଲୋକଟି ହେଉଛି, 'ବିଷୟା ବିନିବର୍ତ୍ତନ୍ତେ ନିରାହାରସ୍ୟ ଦେହିନଃ, ରସବର୍ଜଂ ରସୋପ୍ୟସ୍ୟ ପରଂ ଦୃଷ୍ଟ୍ୱା ନିବର୍ତ୍ତତେ'। ଏହାର ଅର୍ଥ ହେଉଛି, ଉଚ୍ଚତର ଲକ୍ଷ୍ୟ ହାସଲ କରିବା ପାଇଁ ମଣିଷକୁ ନିଜର ଅନାବଶ୍ୟକ ଇଚ୍ଛା ଉପରେ ନିୟନ୍ତ୍ରଣ ରଖିବାକୁ ପଡ଼ିବ। ପରୀକ୍ଷାରେ ସଫଳତା, ଚାକିରି କିମ୍ବା ବ୍ୟବସାୟରେ ଉନ୍ନତି ପାଇଁ ନିଜ ଲକ୍ଷ୍ୟ ଉପରେ ଏକାଗ୍ରତା ରଖିବା ଜରୁରୀ। କ୍ଷଣିକ ଆକର୍ଷଣରେ ପଡ଼ି ଲକ୍ଷ୍ୟରୁ ଦୂରେଇ ଯିବା ଉଚିତ୍ ନୁହେଁ।

୩. ଅଧ୍ୟାୟ ୩, ଶ୍ଲୋକ ୮: ଜୀବନରେ କର୍ମର ମହତ୍ତ୍ୱ ବୁଝାଇବାକୁ ଯାଇ ଶ୍ରୀକୃଷ୍ଣ କହିଛନ୍ତି, 'ନିୟତଂ କୁରୁ କର୍ମ ତ୍ୱଂ କର୍ମ ଜ୍ୟାୟୋ ହ୍ୟକର୍ମଣଃ, ଶରୀରଯାତ୍ରାପି ଚ ତେ ନ ପ୍ରସିଦ୍ଧ୍ୟେଦକର୍ମଣଃ'। ଏହାର ଅର୍ଥ ହେଉଛି, ମଣିଷ ସର୍ବଦା ନିଜର ନିର୍ଦ୍ଧାରିତ କର୍ତ୍ତବ୍ୟ କରିବା ଉଚିତ୍। କାମ ନକରି ବସି ରହିବା ଅପେକ୍ଷା କର୍ମ କରିବା ଅଧିକ ଶ୍ରେୟସ୍କର। କେବଳ ଭାଗ୍ୟ ଉପରେ ନିର୍ଭର ନକରି ପରିଶ୍ରମ ଓ ନିଷ୍ଠାର ସହ ନିଜ କାମ କରିଚାଲିଲେ ହିଁ ଜୀବନରେ ଆଗକୁ ବଢ଼ିହେବ।



୪. ଅଧ୍ୟାୟ ୫, ଶ୍ଲୋକ ୨୬: ମନର ଶାନ୍ତି ଓ ଆତ୍ମସଂଯମ ପାଇଁ ଏହି ଶ୍ଲୋକରେ ଏକ ମହତ୍ତ୍ୱପୂର୍ଣ୍ଣ ଶିକ୍ଷା ରହିଛି। ଶ୍ଲୋକଟି ହେଉଛି, 'କାମକ୍ରୋଧବିୟୁକ୍ତାନାଂ ଯତୀନାଂ ଯତଚେତସାମ୍, ଅଭିତୋ ବ୍ରହ୍ମନିର୍ବାଣଂ ବର୍ତ୍ତତେ ବିଦିତାତ୍ମନାମ୍'। ଏହାର ଅର୍ଥ ହେଉଛି, ଯେଉଁ ବ୍ୟକ୍ତି କାମନା ଓ କ୍ରୋଧ ଉପରେ ବିଜୟ ହାସଲ କରି ନିଜ ମନକୁ ନିୟନ୍ତ୍ରଣରେ ରଖିପାରନ୍ତି, ସେମାନେ ପ୍ରକୃତ ଶାନ୍ତି ଲାଭ କରନ୍ତି। ତେଣୁ ଜୀବନରେ ରାଗ, ଈର୍ଷା ଓ ଅତ୍ୟଧିକ ଆଶାଠାରୁ ଦୂରେଇ ରହିବା ଦ୍ୱାରା ମଣିଷ ନିଜକୁ ଅଧିକ ଭଲ ଭାବେ ବୁଝିପାରିବ।

୫. ଅଧ୍ୟାୟ ୬, ଶ୍ଲୋକ ୩୫: ମନକୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇଥିଲେ ମଧ୍ୟ ଏହା ଅସମ୍ଭବ ନୁହେଁ ବୋଲି ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ବୁଝାଇଛନ୍ତି। ଶ୍ଲୋକଟି ହେଉଛି, 'ଅସଂଶୟଂ ମହାବାହୋ ମନୋ ଦୁର୍ନିଗ୍ରହଂ ଚଳମ୍, ଅଭ୍ୟାସେନ ତୁ କୌନ୍ତେୟ ବୈରାଗ୍ୟେଣ ଚ ଗୃହ୍ୟତେ'। ଏହାର ଅର୍ଥ ହେଉଛି, ମନ ସ୍ୱଭାବତଃ ଚଞ୍ଚଳ ଏବଂ ଏହାକୁ ନିୟନ୍ତ୍ରଣ କରିବା କଷ୍ଟକର। କିନ୍ତୁ ନିୟମିତ ଅଭ୍ୟାସ ଓ ଅନାବଶ୍ୟକ ଆସକ୍ତିରୁ ଦୂରେଇ ରହିବା ଦ୍ୱାରା ମନକୁ ନିୟନ୍ତ୍ରଣ କରିହେବ। ଏହି ଶିକ୍ଷା ଆମକୁ ଧୈର୍ଯ୍ୟ, ଆତ

ବର୍ଷାରେ ଭିଜୁଛି ପାଚିଲା ଧାନ, ଚାଷୀ ହତାଶ: ସହାୟତା ଦାବି

କଣ୍ଟିଲୋ, (ନି.ପ୍ର): ସାମୁଦ୍ରିକ ବାତ୍ୟାର ପ୍ରଭାବରେ ଖଣ୍ଡପଡ଼ା ଓ କଣ୍ଟିଲୋ ଏହାର ଆଖପାଖ ଅଞ୍ଚଳରେ ଗୁରୁବାର ସକାଳୁ ଲଗାଣ ବର୍ଷା ଆରମ୍ଭ ହୋଇଛି । ଅଦିନିଆ ବର୍ଷା ଯୋଗୁଁ ଚାଷୀଙ୍କ ମୁଣ୍ଡରେ ପୁଣି ଚଡକ ପଡିଛି । ହେକ୍ଟର ହେକ୍ଟର ଚାଷ ଜମିରେ ପାଚିଲା ଧାନ ଏବେ ବର୍ଷାରେ ଭିଜୁଛି । ଖାଲୁଆ ଚାଷ ଜମି ଗୁଡ଼ିକରେ ବର୍ଷା ପାଣି ଜମି ରହିଛି । ଆଉ କିଛି ଦିନ ପରେ ଅମଳ ହେବାକୁ ଥିବା ଧାନ ଫସଲ ଏବେ ବର୍ଷା ଯୋଗୁଁ ସଂପୂର୍ଣ୍ଣ ରୂପେ ନଷ୍ଟ ହୋଇଯିବାର ଆଶଙ୍କା ପ୍ରକାଶ ପାଇଛି । ସମବାୟ ବ୍ୟାଙ୍କ ଓ ଆଖପାଖ ଅଞ୍ଚଳରେ ଅବସ୍ଥିତ ବିଭିନ୍ନ ବ୍ୟାଙ୍କ ଶାଖାରୁ ଋଣ କରି ଫସଲ ପାତି କରିଥିବା ଚାଷୀ ପରିବାର ଗୁଡ଼ିକ ଏବେ ଫସଲ ନଷ୍ଟ ହେବା ଦେଖି ହତାଶ ହୋଇଥିବା ଜଣାପଡିଛି । ସେହିପରି ପନିପରିବା ଚାଷ କରି ପରିବାର ପ୍ରତିପୋଷଣ କରୁଥିବା ଚାଷୀମାନେ ମଧ୍ୟ ଅଦିନିଆ ବର୍ଷା ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଥିବା ଜଣାଯାଇଛି । ଚଳିତ ବର୍ଷ ବାତ୍ୟା ଜନିତ ବର୍ଷା ସାଙ୍ଗକୁ ପଲ ପଲ



ବାରହାଙ୍କ ଉପଦ୍ରବ ଯୋଗୁଁ ଖଣ୍ଡପଡ଼ା,ଶାଳଝରିଆ, ଶିଖରପୁର, ବଡବାଣପୁର, ସିଧାମୂଳା,ବୋଦସା,ଗୁଣ୍ଠୁଣି ବନମାଳିପୁର,ଜଗନ୍ନାଥପ୍ରସାଦ, ରାଣୀଛେଲି, ସିଙ୍ଗାପଡ଼ା, ଗଡ଼ିଆସାହି, କିଆଝର ପ୍ରଭୃତି କୃଷି ବହୁଳ ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମର କ୍ଷତିଗ୍ରସ୍ତ ଚାଷୀ ମାନଙ୍କୁ ଚିହ୍ନଟ କରି ଆନୁସଙ୍ଗିକ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି ।

ଆକାଶ୍ୱାନ ଭୟରେ ପାଚିଲା ଧାନକୁ ନେଇ ଚିନ୍ତାରେ ଚାଷୀ



ତରଭା (ନିପ୍ର): ସବୁବେଳେ ଚିନ୍ତାରେ ଚାଷୀ ରୋଗ ପୋକ ପରେ ବାତ୍ୟା ଭୟ ଲାଗିରହିଛି । ଗୋଟିଏ ପରେ ଗୋଟିଏ ବାତ୍ୟା ଅର୍ଣ୍ଣବ, ମୁରାସୁ ପରେ ପୁଣି ଆକାଶ୍ୱାନର ଭୟରେ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି । ଗୁରୁବାର ସଂଧ୍ୟାରେ ଅଞ୍ଚଳରେ ଆକାଶ୍ୱାନ ପ୍ରଭାବରେ ଝିପିଝିପି ବର୍ଷା ଆରମ୍ଭ ହୋଇଯାଇଛି । ବର୍ତ୍ତମାନ ସମସ୍ତ ଧାନ ଫସଲ ପାଚି ସାରିଛି ଅମଳ ଅପେକ୍ଷାରେ ଅଛି । ଏପରି ସ୍ଥିତିରେ ବାତ୍ୟାର ପ୍ରକୋପ ଏବଂ ବର୍ଷା ସାଙ୍ଗକୁ ପବନ ବୋହିବା ହେତୁ ବିଲରେ ଠିଆ ପାଚିଲା ଧାନ ଗୁଡିକ ପଡିଯାଇ ବର୍ଷା ପାଣିରେ ଗଜା ହେବା ଆଶଙ୍କା ରହିଛି । ଅକ୍ଲାନ୍ତ ପରିଶ୍ରମ କରି ଠିକ୍ ଅମଳ ସମୟରେ ବିପଦ ସଙ୍କେତକୁ ନେଇ ଚାଷୀ ଛାନିଆ ହେବା ସହ ପ୍ରତିକାରର ଉପାୟ ନ ପାଇ ଭାଗବାନଙ୍କ ଭାଷାରେ ହାତ ଟେକି ଦେଇଛି । ବାରମ୍ୱାର କୃଷିଜାତ ଦ୍ରବ୍ୟ ଉପରେ ଏପରି ବିପତ୍ତି ଆସିବାକୁ ନେଇ ଚାଷୀ ମହଲରେ ପ୍ରଶାସନିକ ପଦକ୍ଷେପ ଏବଂ ସୁନିଶ୍ଚିତ ସହୋଯାଗର ଦାବି ହେଉଛି ।

ଧର୍ମପ୍ରାଣା ମହିଳାଙ୍କ ପରଲୋକ



ହିଞ୍ଜିଳିକାଟୁ,(ନି.ପ୍ର): ହିଞ୍ଜିଳିକାଟୁ ପୌରାଞ୍ଚଳ ମେନ୍ ରୋଡ଼ ବାସିନ୍ଦା ସୁବାସିନୀ ପଣ୍ଡା (୮୮)ଙ୍କ ଗୁରୁବାର ସକାଳ ୧୦ ଘଣ୍ଟା ସମୟରେ ନିଜ ବାସଭବନର ପରଲୋକ ଘଟିଛି । ଜଣେ ଶାନ୍ତ,ସରଳ ସ୍ୱଭାବ, ଅମାୟିକ ବ୍ୟକ୍ତିତ୍ୱ, ଧର୍ମପ୍ରାଣା, ମିଷ୍ଟଭାଷୀ ଓ ପରୋପକାରୀ ମହିଳା ଭାବେ ସମସ୍ତଙ୍କ ଅତି ଆପଣାର ଭାବେ ସମସ୍ତଙ୍କ ନିକଟରେ ବେଶ ପରିଚିତ ଥିଲେ । ତାଙ୍କ ବିୟୋଗ ଖବର ପାଇ ସମ୍ପର୍କୀୟ ଏବଂ ବନ୍ଧୁବାନ୍ଧବଙ୍କ ସମେତ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବାସଭବନରେ ପହଞ୍ଚି ଦୁଃଖରେ ମ୍ରିୟମାଣ ହେବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ । ତାଙ୍କ ଅନ୍ତିମ ଦର୍ଶନ କରିବା ସହ ପାର୍ଥିବ ଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରି ଅନ୍ତିମ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ବଡ ପୁଅ ତଥା ବିଜେଡି ନେତା ପ୍ରଦୀପ କୁମାର ପଣ୍ଡା, ସାନ ପୁଅ ପ୍ରମୋଦ କୁମାର ପଣ୍ଡା,ବଡ ବୋହୂ ତଥା ହିଞ୍ଜିଳିକାଟୁ ପୌରପରିଷଦ ଉପାଧ୍ୟକ୍ଷା ସୁଚିତ୍ରା ପଣ୍ଡା, ସାନ ବୋହୂ, ନାତି, ନାତୁଣୀ ଏବଂ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ ।

କଳିଙ୍ଗ ସାହିତ୍ୟ ପ୍ରଗତି ସମାଜ ପକ୍ଷରୁ 'ଉତ୍କଳ ପ୍ରେରଣା ପୁରସ୍କାର'



ଭୁବନେଶ୍ୱର,(ନିପ୍ର): କଳିଙ୍ଗ ସାହିତ୍ୟ ପ୍ରଗତି ସମାଜ, ଭୁବନେଶ୍ୱର ଏବଂ ଏହା ଦ୍ୱାରା ପ୍ରକାଶିତ 'ଉତ୍କଳ ପ୍ରେରଣା ସାହିତ୍ୟ ପତ୍ରିକା ' ଭୁବନେଶ୍ୱର ସ୍ଥିତ ବରମୁଣ୍ଡା ଏ. ବି. ଭି. ପି ହଲ୍‌ରେ 'ଉତ୍କଳ ପ୍ରେରଣା ପୁରସ୍କାର ଉତ୍ସବ 'ଆୟୋଜିତ ହୋଇଛି । ଏଥିରେ ପ୍ରାୟ ୩୦ରୁ ଅଧିକା ପ୍ରତିଭାଙ୍କୁ ଉତ୍କଳ ପ୍ରେରଣାର ସ୍ୱତନ୍ତ୍ର ଏବଂ ନିଜସ୍ୱ ପ୍ରସ୍ତୁତ ଟ୍ରଫି, ଉତ୍ତରୀୟ, ଏବଂ ସାର୍ଟିଫିକେଟ ପ୍ରଦାନ କରାଯାଇଛି । ସଦସ୍ୟମାନେ ହେଲେ ଧ୍ରୁବ ଚରଣ ସାହୁ, ଧୀରେନ ଚନ୍ଦ୍ର ଦାସ, ଅଶ୍ୱିନୀ କୁମାର ସାହୁ,ଅନୁପମ ସୁଶ୍ରୀତ ସାହୁ,ଦିବ୍ୟମ ପ୍ରସାଦ ଦାସ । ଏଥିରେ ଅତିଥି ରୂପେ ଯୋଗ ଦେଇଥିଲେ ଉଦୟ ଲାବଣ୍ୟ ଖବରକାଗଜର ସଂପାଦକ ଲଲାଟେନ୍ଦୁ ସେନାପତି, ଲୋକଙ୍କ ସ୍ୱର ଖବରକାଗଜର ସଂପାଦକ ପ୍ରତାପ ପୃଷ୍ଟି, ଏବଂ ପତ୍ର ପତ୍ରିକା ସଂଗ୍ରାହକ ରାଜକିଶୋର ଷଡ଼ଙ୍ଗୀ । ମଞ୍ଚ ଉପସ୍ଥାପନା, ପରିଚାଳନା ଏବଂ ଧନ୍ୟବାଦ ଜ୍ଞାପନ କରୁଥିଲେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ଯୁବ ଲେଖକ ଧୀରେନ ଚନ୍ଦ୍ର ଦାସ । ଧୀରେନ କଥା ସାଗର ବହି ପାଇଁ ପୁରସ୍କାର ପାଇଛନ୍ତି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ଯୁବ ଲେଖକ ଧୀରେନ ଚନ୍ଦ୍ର ଦାସ,ଉପାସନା ବହି ପାଇଁ ସୋନାଲି ଗଡ଼ନାୟକ,ଶୁଭଲକ୍ଷ୍ମୀ ବହି ପାଇଁ ଅଙ୍କିତ ସାହୁ,କଳଙ୍କିନୀ ପାଇଁ ଲକ୍ଷ୍ମୀନାରାୟଣ ପ୍ରଧାନ ।ଠିକ ସେହି ଭଳି କବିତା ଏବଂ ଗଳ୍ପ ପାଇଁ ପାଇଛନ୍ତି ଅଲେଖ ଚନ୍ଦ୍ର ଦଣ୍ଡପାଟ,ଶମ୍ଭୁ ନାଥ ନାୟକ,ସୁଶୀଲ ସେନାପତି,ଆଶୁତୋଷ ମିଶ୍ର ।

ଜିଲ୍ଲା ଆଇନ ସେବା ପ୍ରାଧିକରଣ, ରାୟଗଡ ପକ୍ଷରୁ ଆଇନ ସଚେତନତା ଶିବିର

ରାୟଗଡ,(ନିପ୍ର): ଛାତ୍ରଛାତ୍ରୀଙ୍କୁ ଆଇନଗତ ଅଧିକାର, ନ୍ୟାୟ ବ୍ୟବସ୍ଥା ଏବଂ ମାଗଣା ଆଇନ ସହାୟତା ସମ୍ପର୍କରେ ସଚେତନ କରିବା ଉଦ୍ଦେଶ୍ୟରେ ଆଜି ଗୁରୁବାର ସକାଳ ୧୧ଟା ୩୦ ମିନିଟ୍‌ରେ ରାୟଗଡସ୍ଥିତ ଉତ୍କଳ ଆଇନ ମହାବିଦ୍ୟାଳୟ ପରିସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ରାୟଗଡ ପକ୍ଷରୁ ଏକ ଆଇନ ସଚେତନତା ଶିବିର ଆୟୋଜିତ ହୋଇଥିଲା । ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜଜ୍ ଦାମୋଦର ରଥଙ୍କ ପରାମର୍ଶକ୍ରମେ ଆୟୋଜିତ ଏହି ଶିବିରରେ ପ୍ରାଧିକରଣର ସଚିବ ସୁବ୍ରତ ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ । ଉତ୍କଳ ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ ମିଶ୍ର, ଡିନ୍ (ଷ୍ଟୁଡେଣ୍ଟ ଆଫେୟାର୍ସ) ଶିବ ପ୍ରସାଦ ମିଶ୍ରଙ୍କ ସମେତ ଅନ୍ୟ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ଏଥିରେ ଉତ୍ସାହର ସହ ଯୋଗଦେଇଥିଲେ । ନିଜ ବକ୍ତବ୍ୟରେ ସୁବ୍ରତ ଆଚାର୍ଯ୍ୟ ଆଇନ ସେବା ପ୍ରାଧିକରଣ ଅଧିନିୟମ, ଲୋକ ଅଦାଲତର କାର୍ଯ୍ୟପ୍ରଣାଳୀ, ମାଗଣା ଆଇନ ସହାୟତାର ବ୍ୟବସ୍ଥା ଏବଂ ମହିଳା, ଶିଶୁ ଓ ସମାଜର ଦୁର୍ବଳ ବର୍ଗଙ୍କ ଆଇନଗତ ଅଧିକାର ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ । ଅନ୍ୟ ଅତିଥିମାନେ ମଧ୍ୟ ଆଇନଗତ ଅଧିକାର, ନ୍ୟାୟ ପ୍ରାପ୍ତିର ବିଭିନ୍ନ ଉପାୟ ଏବଂ ମାଗଣା ଆଇନ ସହାୟତାର ଉପଯୋଗିତା ସମ୍ପର୍କରେ ନିଜର ମତାମତ ରଖିଥିଲେ ।

ସାମ୍ବାଦିକଙ୍କ ପିତୃ ବିୟୋଗରେ ଶୋକର ଛାୟା

କାକଟପୁର(ନିପ୍ର): କାକଟପୁର ପ୍ରେସ କ୍ଲବର ବରିଷ୍ଠ ସଦସ୍ୟ ତଥା ଯୁବ ସାମ୍ବାଦିକ ବ୍ରଜ କିଶୋର ସାହୁଙ୍କ ପିତା ସ୍ୱର୍ଗତ ଗୁଣନିଧି ସାହୁ (୮୪) ବୟସରେ ମଙ୍ଗଳବାର ଦିନ ଦ୍ୱିପ୍ରହର ୧୨ଟା ସମୟରେ ପରଲୋକ ଗମନ କରିଛନ୍ତି । ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ହୋଇ ସେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ଚିକିତ୍ସା ଚାଲିଥିବା ବେଳେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ଏହି ଦୁଃଖଦ ଖବର ପ୍ରଚାରିତ ହେବା ପରେ କାକଟପୁର ଅନ୍ତର୍ଗତ ବାଜପୁର ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା, ଏହି ଖବର ପାଇ କାକଟପୁର ପ୍ରେସ କ୍ଲବ ସଭାପତି କମଳ ଲୋଚନ ଦୀକ୍ଷିତଙ୍କ ସମେତ ସମସ୍ତ ସଦସ୍ୟ ଦୁଃଖ ପ୍ରକାଶ କରିବା ସହିତ ପରିବାରକୁ ସମବେଦନା ଜଣାଇଛନ୍ତି ।

ବାତ୍ୟା ଅକାଶ୍ୱାନ ପାଇଁ ଉପଖଣ୍ଡ ଚିକିତ୍ସାଳୟରେ ୭୦ ଗର୍ଭବତୀ ଭର୍ତ୍ତି



ହିଞ୍ଜିଳିକାଟୁ,(ନି.ପ୍ର): ବାତ୍ୟା ଅକାଶ୍ୱାନ ଓ ବର୍ଷା ଯୋଗୁଁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଗର୍ଭବତୀ ମହିଳାଙ୍କ ସୁରକ୍ଷିତ ମାତୃତ୍ୱ ଲାଭ ସକାଶେ ସମସ୍ତ ପ୍ରକାର ସ୍ୱାସ୍ଥ୍ୟ ଗ୍ରହଣ କରାଯାଇଛି । ଗଞ୍ଜାମ ଜିଲ୍ଲାପାଳ ଭି.କାର୍ତ୍ତିକ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଅଧୀକ୍ଷକ ଡାକ୍ତର ଶ୍ରୀକାନ୍ତ ସାହୁ ପୂର୍ତ୍ତ ବିଭାଗ ସହାୟତାରେ ଉପଖଣ୍ଡ ଚିକିତ୍ସାଳୟର ବହିର୍ବିଭାଗ କୋଠାରେ ଯୁଦ୍ଧ କାଳୀନ ଭିତ୍ତିରେ ଜରୁରୀ କାଳୀନ ଚିକିତ୍ସା ସେବା ପାଇଁ ସମସ୍ତ ପ୍ରକାର ତ୍ୱରିତ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହି କୋଠାରେ ଆସିକା ଏବଂ ଆଖପାଖ ଅଞ୍ଚଳର ଗର୍ଭବତୀଙ୍କ ସୁରକ୍ଷିତ ମାତୃତ୍ୱ ଲାଭ ଓ ପ୍ରସୂତି ମହିଳାଙ୍କ ଆବଶ୍ୟକୀୟ ଉତ୍ତମ ଚିକିତ୍ସା ସେବା ପାଇଁ ସମସ୍ତ ପ୍ରକାରର ପ୍ରସ୍ତୁତି ଶେଷ ହୋଇଛି । ଆସିକା ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର, ସ୍ୱାସ୍ଥ୍ୟ କର୍ମଚାରୀ ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ଓ କର୍ମଚାରୀଙ୍କୁ ସହଯୋଗ ଓ ସହାୟତା ପାଇଁ ଏଠାରେ ନିୟୋଜିତ ହୋଇଛନ୍ତି । ବର୍ତ୍ତମାନ ସୁଦ୍ଧା ୭୦ ଜଣ ଗର୍ଭବତୀଙ୍କୁ ଭର୍ତ୍ତି କରାଯାଇଛି । ସେମାନଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦେବା ସହ ଆଶା, ଫାର୍ମାସି ଅଧିକାରୀ, ନର୍ସିଂ ଅଧିକାରୀ, ସଫେଇ କର୍ମଚାରୀ ପରିଚାଳନାରେ ସକ୍ରିୟ ଭୂମିକା ଗ୍ରହଣ କରିଛନ୍ତି ।

ଶିଶୁ ବିଦ୍ୟାମନ୍ଦିରରେ ସଂକୁଳ ସ୍ତରୀୟ କର୍ମଶାଳା

କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ଅଧୀନସ୍ଥ ରଙ୍ଗବତୀ ବିଲୁଙ୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗୁରୁବାର ସଂକୁଳସ୍ତରୀୟ ପ୍ରଧାନ ଆଚାର୍ଯ୍ୟ, ପରୀକ୍ଷା ପ୍ରମୁଖ, ଶିଶୁ ବାଟିକା ପ୍ରମୁଖ ଓ କାର୍ଯ୍ୟାଳୟ ସହାୟକଙ୍କ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କର୍ମଶାଳାରେ ଶିକ୍ଷା ବିକାଶ ସମିତି ଓଡିଶା,ପଶ୍ଚିମ ସମ୍ଭାଗର ସହ ସଂଯୋଜକ ତଥା ସମ୍ବଲପୁର ବିଭାଗ ନିରୀକ୍ଷକ ଜ୍ଞାନ ରଞ୍ଜନ ପାଢ଼ୀ, ପଶ୍ଚିମ ସମ୍ଭାଗ ସହ କାର୍ଯ୍ୟାଳୟ ପ୍ରମୁଖ ବିକ୍ରାନ୍ତ ବେହେରା, କୁଚିଣ୍ଡା ସଂକୁଳ ପ୍ରମୁଖ ପ୍ରଫୁଲ୍ଲ କୁମାର ସାହୁ, ସଂକୁଳ ସଂଯୋଜକ ପ୍ରଣବ କୁମାର ଦ୍ୱିବେଦୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ପରିଚାଳନା ସମିତି ସଭାପତି ଧ୍ରୁବ ଚରଣ ନାୟକ ଦୀପ ପ୍ରଜ୍ୱଳନ କରିଥିବା ବେଳେ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସୁରଳୀ ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଉକ୍ତ କର୍ମଶାଳାରେ କୁଚିଣ୍ଡା ସଂକୁଳ ଅନ୍ତର୍ଗତ ୧୦ଟି ବିଦ୍ୟାଳୟର ମୋଟ ୪୦ ଜଣ ଗୁରୁମା ଗୁରୁଜୀ ଯୋଗଦେଇଥିଲେ ।

'ଅକାଶ୍ୱାନ୍'ରେ ଫିକା ପଡ଼ିବ କି ବାଲିଯାତ୍ରା !

କଟକ(ନିପ୍ର): ଓଡ଼ିଶା ମୁହାଁ ବାତ୍ୟା 'ଅକଭାନ୍' । ତେବେ ଏହି 'ଅକଭାନ୍' ଅଧିକ ଭୟ ସୃଷ୍ଟି କରିଛି ବାଲିଯାତ୍ରା ପଡ଼ିଆରେ ଚାଲିଥିବା ପ୍ରସ୍ତୁତି କାର୍ଯ୍ୟ ଉପରେ । ଯେଉଁ ଜୋସରେ ବାଲିଯାତ୍ରାର ବାହାର ପ୍ରସ୍ତୁତି ଚାଲିଥିଲା ଏହାର ଗତି ଉପରେ ବ୍ରେକ୍ ଲାଗିଛି । ବାଲିଯାତ୍ରାକୁ ନେଇ ଉତ୍ସାହିତ ଥିବା ଦୋଳି ବ୍ୟବସାୟୀମାନେ ଓ ବିଭିନ୍ନ ବଡ଼ ସେଡ୍ କରିଥିବା ବ୍ୟବସାୟୀମାନେ ଚିନ୍ତାରେ ପଡ଼ିଛନ୍ତି । ବର୍ତ୍ତମାନ ସମୟରେ ବାଲିଯାତ୍ରାରେ ୨୦ରୁ ଉର୍ଦ୍ଧ୍ୱ ଦୋଳି ଲାଗି ସାରିଥିବା ବେଳେ ଆଉ ୨୦ରୁ ୩୦ ଦୋଳି ଲାଗିବ । ବାତ୍ୟାରେ ଯଦିଓ ରାମ ଦୋଳି କିଛି ଅସୁବିଧା ହେବନି କିନ୍ତୁ ଏହାର ବଗି ଗୁଡ଼ିକ କ୍ଷତିଗ୍ରସ୍ତ ହୋଇପାରେ ତେଣୁ ସବୁ ବଗି ଗୁଡ଼ିକ ସ୍ଥିତିକୁ ଦେଖି ବାହାର କରାଯିବ । ସେହିଭଳି ଟାଇଟେନିକ ଡାଞ୍ଚା ଓ ଏହାର ସେଡ୍ ଏହାସହ ବଡ଼ ବଡ଼ ସେଡ୍ ଗୁଡ଼ିକ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ରହିଛି ଯଦି ଏହା କ୍ଷତିଗ୍ରସ୍ତ ହୁଏ ତେବେ ଏହାକୁ ସଜାଡ଼ିବା ପାଇଁ ଗୋଟିଏ ଦୁଇଦିନ ସମୟ ଲାଗିବ ବୋଲି କହିଛନ୍ତି ଦୋଳି ମୀନା ବଜାର ବ୍ୟବସାୟୀ ମହା ସଂଘର ସମ୍ପାଦକ । ବାତ୍ୟାରେ ବ୍ୟବସାୟୀ ମାନଙ୍କ ଦୋକାନ ଗୁଡ଼ିକ ଯଦି କ୍ଷତିଗ୍ରସ୍ତ ହେବ ତେବେ ଏହାକୁ ସଜାଡ଼ିବା ପାଇଁ ବ୍ୟବସାୟୀ ମାନଙ୍କୁ ଦୁଇରୁ ତିନି ଦିନ ସମୟ ଲାଗିବ । ଏଥିପାଇଁ ବାଲିଯାତ୍ରାର ସମୟ ବୃଦ୍ଧି ପାଇଁ ଅନୁରୋଧ କରିଛନ୍ତି ବାଲିଯାତ୍ରା ବ୍ୟବସାୟୀ ସଂଘ । ବାଲିଯାତ୍ରାର ବ୍ୟବସାୟୀଙ୍କୁ ବାତ୍ୟ ପାଇଁ ଯଦିଓ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ସତର୍କ ସୂଚନା ଦିଆଯାଇନାହିଁ କିନ୍ତୁ ପ୍ରସ୍ତୁତି କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା କଥା ମାନିଛି ଜିଲ୍ଲା ପ୍ରଶାସନ । ବର୍ତ୍ତମାନ ପାଗ ପ୍ରତିକୂଳ ଥିବାରୁ ବାହାର କାର୍ଯ୍ୟ ବନ୍ଦ ଥିବା ବେଳେ ଭିତର କାମ ଚାଲିଥିବା ସହ ଆଗାମୀ ଦୁଇଦିନ ପରେ ପାଗ ଠିକ୍ ହେଲେ ପୁନର୍ବାର ପ୍ରସ୍ତୁତି କାର୍ଯ୍ୟ ଜୋର୍ ଧରିବ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ଇପ୍ସିତା ପ୍ରିୟଦର୍ଶିନୀ ।

ବାତ୍ୟା ପୂର୍ବରୁ କୃଷ୍ଣପ୍ରସାଦ ଅଞ୍ଚଳ ପରିଦର୍ଶନ କଲେ ସାଂସଦ ଓ ବିଧାୟିକା



କୃଷ୍ଣପ୍ରସାଦ,(ନି ପ୍ର): ସମ୍ଭାବ୍ୟ ବାତ୍ୟା 'ଅକଓ୍ୱାନ'ର ମୁକାବିଲା ତଥା ଜନସାଧାରଣଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ବାତ୍ୟା ଆସିବାର କିଛି ଘଣ୍ଟା ପୂର୍ବରୁ କୃଷ୍ଣପ୍ରସାଦ ଅଞ୍ଚଳ ପରିଦର୍ଶନ କରିଛନ୍ତି ପୁରୀ ସାଂସଦ ଡଃ. ସମ୍ବିତ ପାତ୍ର ଓ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର । ସମ୍ଭାବ୍ୟ ବାତ୍ୟାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟ ଓ ଆଶଙ୍କା ଦେଖାଦେଇଥିବା ବେଳେ ସାଂସଦ ଓ ବିଧାୟିକା ବିଭିନ୍ନ ଅଞ୍ଚଳ ବୁଲି ବାତ୍ୟା ପ୍ରସ୍ତୁତି ଓ ସୁରକ୍ଷା ବ୍ୟବସ୍ଥାର ସ୍ଥିତି ଅନୁଧ୍ୟାନ କରିଥିଲେ । ରାମଲେଙ୍କାଠାରୁ ଚିଲିକା ନୂଆପଡ଼ା ପର୍ଯ୍ୟନ୍ତ ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କରି ସେଠାରେ ଆଶ୍ରୟ ନେଇଥିବା ଲୋକଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ଆବଶ୍ୟକତା ବୁଝିଥିଲେ । ଆଶ୍ରୟସ୍ଥଳୀଗୁଡ଼ିକରେ ଆବଶ୍ୟକ ପରିମାଣରେ ଔଷଧ, ପାନୀୟ ଜଳ, ଶୁଖିଲା ଖାଦ୍ୟ ଓ ରନ୍ଧା ଖାଦ୍ୟ ମହଜୁଦ ଅଛି କି ନାହିଁ ତାହା ଯାଞ୍ଚ କରିବା ସହ ଏସବୁ ସାମଗ୍ରୀ ଲୋକଙ୍କୁ ସୁବ୍ୟବସ୍ଥିତ ଭାବେ ବଣ୍ଟନ କରିବାକୁ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଥିସହିତ ବିପଦସଙ୍କୁଳ ଅବସ୍ଥାରେ ଥିବା ଉପକୂଳବର୍ତ୍ତୀ ତଳିଆ ଗ୍ରାମଗୁଡ଼ିକ ପରିଦର୍ଶନ କରି ଲୋକଙ୍କ ସୁରକ୍ଷା ଓ ଆବଶ୍ୟକୀୟ ପଦକ୍ଷେପ ସମ୍ପର୍କରେ ସମ୍ପୃକ୍ତ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ବାତ୍ୟା ସମୟରେ ଯେପରି କୌଣସି ଧନଜୀବନ ହାନି ନ ଘଟେ, ସେଥିପ୍ରତି ସଜାଗ ରହିବା ସହ ନିଜ ନିଜ ଦାୟିତ୍ୱ ସଠିକ୍ ଭାବେ ତୁଲାଇବାକୁ ନିୟୋଜିତ ଅଧିକାରୀମାନଙ୍କୁ ତାଗିଦ୍ କରିଥିଲେ । ବିପଦର ଏଭଳି ସମୟରେ ସାଂସଦ ଓ ବିଧାୟିକାଙ୍କ ଅଞ୍ଚଳ ପରିଦର୍ଶନ ଲୋକଙ୍କ ମନରେ ସାହସ ଓ ଆଶ୍ୱାସନା ସୃଷ୍ଟି କରିଥିବା ବେଳେ ସେମାନଙ୍କ ଏହି ପଦକ୍ଷେପକୁ ଅଞ୍ଚଳବାସୀ ପ୍ରଶଂସା କରିବା ସହ କୃତଜ୍ଞତା ଜଣାଇଛନ୍ତି ।

ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ସମ୍ବର୍ଦ୍ଧନା ଉତ୍ସବ



ରୟା(ନିପ୍ର): ସମଗ୍ର ରାଜ୍ୟରେ ଥିବା ୩୦ ଗୋଟି ଜିଲ୍ଲାସ୍ଥ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ମଧ୍ୟରୁ ଶିକ୍ଷା ଓ ପ୍ରଶିକ୍ଷଣ କ୍ଷେତ୍ରରେ ସ୍ୱତନ

ତିଥି :(ଦଶମୀ): (ପୂର୍ବଭାଦ୍ର ମୀନ)
ଅମୃତ ବେଳା: ଦିବା ଘ ୬ ।୫୦ ମଧ୍ୟେ ଘ୭ ।୩୮ ଗତେ

ଆଜିର ଅନୁଚିନ୍ତନ

ସମଭାବାପନ୍ନ ସାଧକ ମୋର ପରାଭକ୍ତି ଲାଭ କରେ।।
- ଶ୍ରୀମଦ୍ ଭଗବଦ୍ ଗୀତା

ସଚେତନତା ଓ ସୂଚନା ସକ୍ରିୟତା

ପ୍ରାକୃତିକ ବିପର୍ଯ୍ୟୟ ବିଶେଷ କରି ବାତ୍ୟାର ବିଭୀଷିକା ଆମ ରାଜ୍ୟ ପାଇଁ ଚିର ସହଚର ହୋଇଥିବାରୁ ସର୍ବଦା ଚିନ୍ତାଜନକ ହୋଇଛି। ଗୋଟିଏ ପରେ ଗୋଟିଏ ବାତ୍ୟାର ପ୍ରଭାବରେ ଜନଜୀବନ ଦୁର୍ବିସହ ହୋଇପଡ଼ିଛି। ଗତିପଥରେ ପରିବର୍ତ୍ତନ ହେତୁ ସମ୍ଭାବ୍ୟ ବାତ୍ୟା ଅକଳ୍ପନୀୟ ଓଡ଼ିଶାମୁହାଁ ହୋଇଥିବାରୁ ଗଂଜାମ, ଗଜପତି, ପୁରୀ, କନ୍ଧମାଳ, ରାୟଗଡ଼ା, କୋରାପୁଟ ଆଦି ୮ଟି ଜିଲ୍ଲା ପ୍ରତି ବିପଦ ଆଶଙ୍କା ଏକପ୍ରକାର ଆସନ୍ନ। ଆଇଏମ୍‌ଡିର ପୂର୍ବ ଆକଳନ ଥିଲା ଆନ୍ଧ୍ର ନେଲୋର-ଚୁନି ମଧ୍ୟରେ ଲ୍ୟାଣ୍ଡଫଲ୍ ହୋଇପାରେ, ପରବର୍ତ୍ତୀ ସମୟରେ କୁହାଗଲା ଆନ୍ଧ୍ର ନରସାପୁର ଏବଂ ଓଡ଼ିଶାର ପୁରୀ ମଧ୍ୟରେ ଲ୍ୟାଣ୍ଡଫଲ ହୋଇପାରେ। ସଦ୍ୟ ଆକଳନ ମୁତାବକ ଚିଲିକା ସାତପଡ଼ା ଅଞ୍ଚଳରେ ଲ୍ୟାଣ୍ଡଫଲର ଆକଳନ କରାଯାଉଛି। ତେବେ ତାହା ପରବର୍ତ୍ତୀ ସମୟରେ କେଉଁ ଆଡ଼କୁ ମୁହାଁଇବ ସେ ସଂପର୍କିତ କୌତୂହଳ ଓ ଜିଜ୍ଞାସା ରହିବ ଅବା ନିର୍ଦ୍ଧାରିତ ସ୍ଥାନରେ ଲ୍ୟାଣ୍ଡଫଲ ହେବ ତାହା ଉପରେ ନିଶ୍ଚୟ ନଜର ରହିବ।

ଗତ ଫନି ବାତ୍ୟା ପୁରୀରେ ଲ୍ୟାଣ୍ଡଫଲ ହେବା ପରେ କି ପ୍ରକାର ବିଭୀଷିକା ଉପୁଜିଥିଲା ପୁରୀ ଓ ଏହାର ଆଖପାଖ ଅଞ୍ଚଳର ଅଧିବାସୀ ଅଙ୍ଗେ ନିଭାଇଛନ୍ତି। ଯେକୌଣସି ବାତ୍ୟା ହେଉ ନା କାହିଁକି ତଟବର୍ତ୍ତୀ ଅଞ୍ଚଳର ସୁରକ୍ଷାରେ ବୃକ୍ଷସମ୍ପଦ ବିଶେଷ କରି ବାତ୍ୟା ନିରୋଧୀ ବୃକ୍ଷଗୁଡ଼ିକର ଉପଯୋଗିତା ସଂପର୍କରେ ବିଭିନ୍ନ ସମୟରେ ଗୁରୁତ୍ୱ ପ୍ରକାଶିତ ହୋଇଆସିଛି। ଏକଥା ସତ ଯେ ବାତ୍ୟା ନିରୋଧୀ ବୃକ୍ଷରେ ଉପକୂଳ ଅଞ୍ଚଳ ଯେତେ ସଶକ୍ତ ହେବ, ତାହାଦ୍ୱାରା ବାତ୍ୟାର କଡ଼ା ପ୍ରଭାବ ନିଶ୍ଚୟ ହ୍ରାସ ହୋଇପାରିବ। ଏ ବାବଦରେ ଦୀର୍ଘ ମିଆଦି ଯୋଜନାର ଆବଶ୍ୟକତା ରହିଛି।

ନିକଟରେ ରାଜ୍ୟ ବିଧାନସଭା ଶୀତ ଅଧିବେଶନରେ ଆଗତ ହୋଇଛି ଅତିରିକ୍ତ ବଜେଟ। ମୋଟ ୨୪ ହଜାର ୧୫୦କୋଟି ମଧ୍ୟରୁ ବିପର୍ଯ୍ୟୟ ପରିଚାଳନା ଲାଗି ଆବଣ୍ଟିତ ହୋଇଥିବା ଅର୍ଥ ୫ହଜାର ୧୦୦କୋଟି। ଅପରପକ୍ଷେ ରାଜ୍ୟ ଯୋଜନା ପାଇଁ ବ୍ୟୟ ହେବ ୧୪ହଜାର ୨୨୮କୋଟି। ଆଲୋଚ୍ୟ ଦୁଇ ବ୍ୟୟ ମଧ୍ୟରୁ କେଉଁଟି ଗୁରୁତ୍ୱପୂର୍ଣ୍ଣ ? ରାଜ୍ୟ ଯୋଜନା କି ବିପର୍ଯ୍ୟୟ ପରିଚାଳନା ତାହା ରାଜ୍ୟ ସରକାର ବିଚାରି ନିଷ୍ପତ୍ତି ନେବାର ଥିଲା ବୋଲି କୁହାଯିବା ଅସଙ୍ଗତ ହେବନାହିଁ। 'ଶୂନ ମୃତ୍ୟୁ' ଲକ୍ଷ୍ୟ ନେଇ କାମ କରିବାକୁ ପ୍ରଶାସନକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେବେ ଏପରି ଲକ୍ଷ୍ୟ ହାସଲ ସର୍ବଦା ଭିତ୍ତିଭୂମିଗତ ସୁଦୃଢ଼ତା ଉପରେ ନିର୍ଭର କରେ। ବିଶେଷ କରି ସମ୍ବେଦନଶୀଳ ନଦୀ ଅବବାହିକା, ନଦୀବନ୍ଧ ଓ ଗୁରୁତ୍ୱପୂର୍ଣ୍ଣ ଜଳଭିତ୍ତିଭୂମି ଗୁଡ଼ିକର ପରିଚାଳନା ଯେତିକି ଆହ୍ୱାନପୂର୍ଣ୍ଣ, ରାତ୍ରିକାଳୀନ ପାଟ୍ରୋଲିଂ ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ। ଏ ସବୁ ମଧ୍ୟରେ ଯେଉଁଟି ଫୋକସରେ ରହିବ ତାହା ହେଉଛି ଉପରୁ ମୁଣ୍ଡରୁ ଆସୁଥିବା ଜଳପ୍ରବାହ ସଂପର୍କିତ ସୂଚନାର ଆଦାନପ୍ରଦାନ। ସର୍ବୋପରି ସ୍ଥିତି ଦେଖି ସମନ୍ୱୟ ଆଧାରରେ ମୁକାବିଲାମୂଳକ କାର୍ଯ୍ୟ ସଂପାଦନ କରିବା। ଏ ପରିପ୍ରେକ୍ଷୀରେ ଯେକୌଣସି ଉତ୍ସରୁ ଫୋନ କଲ୍‌ଟିଏ ସୁଦ୍ଧା ବହୁତ ଗୁରୁତ୍ୱ ରଖେ। ସୁତରାଂ ସଚେତନତା, ସୂଚନା ସକ୍ରିୟତା ଓ ତ୍ୱରିତ୍ ପଦକ୍ଷେପ ଗ୍ରହଣ ଦ୍ୱାରା ସୁରକ୍ଷାରେ ନିଶ୍ଚୟ ସହାୟତା ମିଳିପାରିବ।

ଭାରତୀୟ ଲୋକତନ୍ତ୍ରର ସ୍ୱଚ୍ଛତା ପାଇଁ ୪୮ଟି ପ୍ରଶ୍ନ !

ଅସିତ ମହାନ୍ତି

୪୮ଟି ପ୍ରଶ୍ନ କେବଳ କାଗଜରେ ଲେଖା କିଛି ବାକ୍ୟ ନୁହେଁ। ଏଗୁଡ଼ିକ ଭାରତୀୟ ଲୋକତନ୍ତ୍ରର ସ୍ୱଚ୍ଛତା, ନିର୍ବାଚନୀ ଅଖଣ୍ଡତା ଏବଂ ସାମ୍ବିଧାନିକ ସଂସ୍ଥାଗୁଡ଼ିକର ଜବାବଦେହିତା ସମ୍ପର୍କରେ ଉଠିଥିବା ମୌଳିକ ପ୍ରଶ୍ନ। ଆଗାମୀ ଦିନରେ ସର୍ବୋଚ୍ଚ ନ୍ୟାୟାଳୟ ଏବଂ ନିର୍ବାଚନ କମିଶନ ଏହାକୁ କିପରି ସମ୍ଭାଳନ୍ତି, ତାହା କେବଳ ଏହି ମାମଲାର ଭବିଷ୍ୟତ ନୁହେଁ, ଭାରତୀୟ ଗଣତନ୍ତ୍ରର ପ୍ରତିଷ୍ଠାନଗତ ବିଶ୍ୱାସର ଭବିଷ୍ୟତକୁ ମଧ୍ୟ ନିର୍ଦ୍ଧାରଣ କରିପାରେ। ଏଠାରେ ଆକର୍ଷଣୀୟ କଥା ହେଉଛି ଯେ ଭାରତ ମେଣ୍ଟର ଆଇନଗତ ପ୍ରସ୍ତୁତି ବହୁତ ପୁଙ୍ଖାନୁପୁଙ୍ଖ ଏବଂ ପ୍ରଶ୍ନଗୁଡ଼ିକ ବହୁତ ସଠିକ୍, ଯାହାର ଉତ୍ତର ଦେବା ତିନି ନିର୍ବାଚନ କମିଶନରଙ୍କ ପାଇଁ କଷ୍ଟକର ହେବ।

ଭାରତୀୟ ଲୋକତନ୍ତ୍ରର ଇତିହାସରେ କେତେକ ଏମିତି ମୁହୂର୍ତ୍ତ ଆସେ, ଯେତେବେଳେ ଗୋଟିଏ ମାମଲା କେବଳ ଆଦାଲତର ନଥି କିମ୍ବା ଆଇନଗତ ବିବାଦ ହୋଇ ରହେନାହିଁ; ତାହା ସମଗ୍ର ସାମ୍ବିଧାନିକ ବ୍ୟବସ୍ଥାର ବିଶ୍ୱସନୀୟତାକୁ ପରୀକ୍ଷା କରିବାର ମାଧ୍ୟମ ହୋଇଯାଏ। ବର୍ତ୍ତମାନ ସର୍ବୋଚ୍ଚ ନ୍ୟାୟାଳୟରେ ଚାଲିଥିବା ନିର୍ବାଚନ କମିଶନ ଏବଂ ଏସ୍‌ଆଇଆର୍ ସମ୍ପର୍କିତ ମାମଲାକୁ ଅନେକ ପର୍ଯ୍ୟବେକ୍ଷକ ସେହି ଦୃଷ୍ଟିରୁ ଦେଖୁଛନ୍ତି। ବିରୋଧୀ ଇଣ୍ଡିଆମେଣ୍ଟ ପକ୍ଷରୁ ନିର୍ବାଚନ କମିଶନକୁ ପଚରାଯାଇଥିବା ୪୮ଟି ପ୍ରଶ୍ନ ଏବେ କେବଳ ପ୍ରଶାସନିକ ସ୍ପଷ୍ଟୀକରଣର ବିଷୟ ନୁହେଁ, ବରଂ ଭାରତୀୟ ଲୋକତନ୍ତ୍ରର ସ୍ୱଚ୍ଛତା, ଜବାବଦେହିତା ଏବଂ ନିର୍ବାଚନୀ ପ୍ରକ୍ରିୟା ଉପରେ ଲୋକଙ୍କ ବିଶ୍ୱାସର ପ୍ରଶ୍ନରେ ପରିଣତ ହୋଇଛି। ଆଇନଗତ ଦୃଷ୍ଟିରୁ ଏହା କହିବା ଠିକ୍ ହେବ: 'ସୁପ୍ରିମ କୋର୍ଟ ୪୮ଟି ପ୍ରଶ୍ନକୁ ବୃତ୍ତାନ୍ତ ଭାବେ ଗ୍ରହଣ କରିନାହାନ୍ତି, କିନ୍ତୁ ସେଗୁଡ଼ିକୁ ବିଚାରଯୋଗ୍ୟ ଆବେଦନ ଭାବେ ଗ୍ରହଣ କରି ନିର୍ବାଚନ କମିଶନଙ୍କ ମତ ମାଗିଛନ୍ତି ଏବଂ ନ୍ୟାୟାଳୟ ନିର୍ବାଚନ କମିଶନଙ୍କୁ ଏ ବାବଦରେ ଉତ୍ତର ଦେବାକୁ କିମ୍ବା ଆପତ୍ତି ଦାଖଲ କରିବାକୁ ସୁଯୋଗ ଦେଇଛନ୍ତି।' ପ୍ରଥମେ ନିର୍ବାଚନ କମିଶନ ନିଜର ଉତ୍ତର ଏବଂ ଆପତ୍ତି ଦାଖଲ କରିବ। ତା'ପରେ ଅଦାଲତ ନିଷ୍ପତ୍ତି ନେବେ ଯେ ଏହି ଲିଖିତ ପ୍ରଶ୍ନଗୁଡ଼ିକୁ ଅନୁମତି ଦିଆଯିବ କି ନାହିଁ।

ଏହି ୪୮ଟି ପ୍ରଶ୍ନ ଉଠିଛି ଦେଶବ୍ୟାପୀ ଏସ୍‌ଆଇଆର୍‌କୁ କେନ୍ଦ୍ର କରି। ବିରୋଧୀ ଦଳମାନଙ୍କ ଅଭିଯୋଗ ହେଉଛି, ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ଏବଂ ଏହା ସହ ଜଡିତ କିଛି ନିଷ୍ପତ୍ତି ନିର୍ବାଚନ କମିଶନ ଭିତରେ କେଉଁ ପ୍ରକ୍ରିୟାରେ ନିଆଯାଇଥିଲା ତାହା ସ୍ପଷ୍ଟ ନୁହେଁ। ସେମାନଙ୍କର ଦାବି ଯେ ନିର୍ବାଚନ କମିଶନ ଆଦାଲତରେ ଦାଖଲ କରିଥିବା ଶପଥପତ୍ରରେ ଅନେକ କଥା କହିଛି, କିନ୍ତୁ ସେହି ଦାବି ପଛରେ ଥିବା ଫାଇଲ, ନୋଟିଂ, ବୈଠକର ରେକର୍ଡ କିମ୍ବା ସମ୍ବନ୍ଧିତ ଦସ୍ତାବିଜ ଦର୍ଶାଇନାହିଁ। ସେଥିପାଇଁ ସେମାନେ ସର୍ବୋଚ୍ଚ ନ୍ୟାୟାଳୟର ଅନୁମତି ଲୋଡ଼ି ୪୮ଟି ଔପଚାରିକ ପ୍ରଶ୍ନ ଦାଖଲ କରିଛନ୍ତି।



ଏହି ପ୍ରଶ୍ନଗୁଡ଼ିକର କେନ୍ଦ୍ରରେ ରହିଛି ଗୋଟିଏ ମୌଳିକ ପ୍ରସଙ୍ଗ। ସାରା ଦେଶରେ ଏସ୍‌ଆଇଆର୍ କରିବାର ନିଷ୍ପତ୍ତି କିଏ ନେଇଥିଲା ? ଏହା କି ତିନି ସଦସ୍ୟ ବିଶିଷ୍ଟ ନିର୍ବାଚନ କମିଶନର ସର୍ବସମ୍ମତ ନିଷ୍ପତ୍ତି ଥିଲା, ଅବା କେବଳ କେତେକ ବ୍ୟକ୍ତିଙ୍କ ପଦକ୍ଷେପ ? ଏହି ନିଷ୍ପତ୍ତି କେଉଁ ତାରିଖରେ ନିଆଯାଇଥିଲା ? କେଉଁ ଫାଇଲ ନମ୍ବରରେ ଏହା ଲିପିବଦ୍ଧ ହୋଇଛି ? ଏହା କୌଣସି ଔପଚାରିକ ବୈଠକରେ ନିଆଯାଇଥିଲା କି ଫାଇଲ ସର୍କୁଲେସନ ମାଧ୍ୟମରେ, ଅବା ଇଲେକ୍ଟ୍ରୋନିକ ଯୋଗାଯୋଗ ଦ୍ୱାରା ? ବିରୋଧୀମାନଙ୍କ ମତରେ, ଲୋକତନ୍ତ୍ରରେ ଏପରି ବଡ଼ ନିଷ୍ପତ୍ତି ଗୁପ୍ତ ଭାବେ ହୋଇପାରିବ ନାହିଁ।

ଏହି ବିବାଦର ଦ୍ୱିତୀୟ ଏବଂ ସମ୍ଭବତଃ ସବୁଠାରୁ ସମ୍ବେଦନଶୀଳ ଅଂଶ ହେଉଛି ନିର୍ବାଚନ କମିଶନର ଆଭ୍ୟନ୍ତରୀଣ ଅସହମତି ପ୍ରସଙ୍ଗ। ବିରୋଧୀ ନେତାମାନେ ଜାଣିବାକୁ ଚାହିଁଛନ୍ତି ଯେ ସୁଖବୀର ସିଂହ ସାନ୍ଧୁ ଏବଂ ବିବେକ ଜୋଶୀ କେବେ ଲିଖିତ ଭାବରେ କୌଣସି ନିଷ୍ପତ୍ତି ବିରୋଧରେ ଆପତ୍ତି କିମ୍ବା ସଂରକ୍ଷଣ ରଖିଥିଲେ କି ନାହିଁ। ଯଦି ରଖିଥିଲେ, ସେହି ଆପତ୍ତିର ସ୍ୱରୂପ କଣ ଥିଲା ଏବଂ ପରେ ସେଗୁଡ଼ିକର ସମାଧାନ କିପରି କରାଯାଇଥିଲା ? ଏହି ପ୍ରଶ୍ନଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ କାରଣ ନିର୍ବାଚନ କମିଶନ ଏକ ସାମ୍ବିଧାନିକ ସଂସ୍ଥା। ଏହାର ଶକ୍ତି କୌଣସି ଜଣେ ବ୍ୟକ୍ତିଙ୍କ ହାତରେ ନୁହେଁ, ବରଂ ସାମୂହିକ ନିଷ୍ପତ୍ତି ପ୍ରକ୍ରିୟାରେ ନିହିତ। ଯଦି ଏହା ପ୍ରମାଣିତ ହୁଏ ଯେ ନିଷ୍ପତ୍ତିଗୁଡ଼ିକ ସର୍ବସମ୍ମତ ଥିଲା, ତେବେ ତାହା କମିଶନର ବିଶ୍ୱସନୀୟତାକୁ ମଜଭୁତ କରିବ। କିନ୍ତୁ ଯଦି ଏହା ପ୍ରମାଣିତ ହୁଏ ଯେ ମତଭେଦ ଥିଲା ଏବଂ ସେହି ମତଭେଦ ଜନସାଧାରଣଙ୍କ ଠାରୁ ଲୁଚାଯାଇଥିଲା, ତେବେ ଏହା ନିର୍ବାଚନ କମିଶନର କାର୍ଯ୍ୟପ୍ରଣାଳୀ ଉପରେ ନୂଆ ପ୍ରଶ୍ନ ଉଠାଇପାରେ।

ଏହି ୪୮ଟି ପ୍ରଶ୍ନର ଅନ୍ୟ ଏକ ବଡ଼ ଅଂଶ ଡିଜିଟାଲ ନିର୍ବାଚନୀ ବ୍ୟବସ୍ଥା ସହ ସମ୍ପୃକ୍ତ। ଆଜି ନିର୍ବାଚନ କେବଳ ବୁଥ ଏବଂ ବାଲଟ ପର୍ଯ୍ୟନ୍ତ ସୀମିତ ନୁହେଁ। ଏହା ବିପୁଳ ପରିମାଣର ଡିଜିଟାଲ ତଥ୍ୟ ଉପରେ ନିର୍ଭରଶୀଳ। ଇସିନେଟ ଏବଂ ଏରୋନେଟ୍ ପରି ପ୍ଲାଟଫର୍ମଗୁଡ଼ିକ ଭୋଟର ତାଲିକା, ନାମ ଯୋଡ଼ା ଓ ବିଲୋପ, ନୂତନ ପଞ୍ଜୀକରଣ ଏବଂ ତଥ୍ୟ ପରିଚାଳନାର କେନ୍ଦ୍ରରେ ଅଛି। ବିରୋଧୀ ଦଳମାନେ ପଚାରିଛନ୍ତି ଯେ ଏହି ଡାଟାବେସ୍‌ଗୁଡ଼ିକର ପ୍ରବେଶାଧିକାର କାହା ପାଖରେ ଥିଲା ? ପରିବର୍ତ୍ତନ କରିବାର ଅଧିକାର କିଏ ପାଇଥିଲା ? ଏବଂ କୌଣସି ବାହ୍ୟ ଠିକାଦାର କିମ୍ବା ସଂସ୍ଥାକୁ ଏଥିରେ ପ୍ରବେଶ ଦିଆଯାଇଥିଲା କି ? ଡିଜିଟାଲ ଯୁଗରେ ଏହି ପ୍ରଶ୍ନଗୁଡ଼ିକ ସାଧାରଣ ମନେ ହୋଇପାରେ, କିନ୍ତୁ ବାସ୍ତବରେ ସେମାନେ ଲୋକତନ୍ତ୍ରର ହୃଦୟକୁ ସ୍ପର୍ଶ କରୁଛନ୍ତି। କାରଣ ଗୋଟିଏ ଭୋଟର ତାଲିକା କେବଳ ଏକ ଡାଟାବେସ୍ ନୁହେଁ; ସେହି ତାଲିକା ହେଉଛି ନାଗରିକଙ୍କ ରାଜନୈତିକ ଅସ୍ତିତ୍ୱର ସ୍ୱୀକୃତି। କୌଣସି ନାଗରିକଙ୍କ ନାମ ଯଦି ଭୋଟର ତାଲିକାରୁ ବାଦ୍ ପଡ଼ିଯାଏ, ତେବେ ସେ କେବଳ ଏକ ତଥ୍ୟ ହରାଇନାହାନ୍ତି; ସେ ନିଜର ମୌଳିକ ଗଣତାନ୍ତ୍ରିକ ଅଧିକାରକୁ ପ୍ରୟୋଗ କରିବାର ଅବସର ହରାଇଥାନ୍ତି।

ଏହି ମାମଲାରେ ଫର୍ମ-୬ ସମ୍ପର୍କରେ ମଧ୍ୟ ପ୍ରଶ୍ନ ଉଠିଛି। ଫର୍ମ-୬ ହେଉଛି ଭୋଟର ତାଲିକାରେ ନାମ ଯୋଡ଼ିବାର ମୁଖ୍ୟ ଆବେଦନ ପତ୍ର। ବିରୋଧୀ ନେତାମାନେ ଜାଣିବାକୁ ଚାହିଁଛନ୍ତି ଯେ ଏଥିରେ ନୂଆ ଘୋଷଣାପତ୍ର କିମ୍ବା ନିୟମ କିଏ ଯୋଡ଼ିଥିଲା ଏବଂ ତାହାର ପ୍ରଭାବରେ କେତେ ଆବେଦନ ଅସ୍ୱୀକୃତ କିମ୍ବା ଅଟକି ରହିଥିଲା। ଏହି ସମସ୍ତ ବିଷୟ ସର୍ବୋଚ୍ଚ ନ୍ୟାୟାଳୟ ସମ୍ମୁଖରେ ଆସିବାରୁ ବର୍ତ୍ତମାନ ଏହା କେବଳ ରାଜନୀତିକ ବିବାଦ ନୁହେଁ। ଏହା ଏକ ସାମ୍ବିଧାନିକ ଚର୍ଚ୍ଚାରେ ପରିଣତ ହୋଇଛି। ଭାରତୀୟ ସମ୍ବିଧାନର ସ୍ରଷ୍ଟାମାନେ ନିର୍ବାଚନ କମିଶନକୁ ଏକ ସ୍ୱାଧୀନ ସଂସ୍ଥା ଭାବେ କଳ୍ପନା କରିଥିଲେ, ଯାହା ସରକାର କିମ୍ବା ବିରୋଧୀ ଦଳ ଉଭୟ ଠାରୁ ସମାନ ଦୂରତ୍ୱ ବଜାୟ ରଖିବ। ଏହି ସ୍ୱାଧୀନତାର ପ୍ରମୁଖ ଆଧାର ହେଉଛି ଲୋକଙ୍କ ବିଶ୍ୱାସ। ଯଦି ସେହି ବିଶ୍ୱାସ ଦୁର୍ବଳ ହୁଏ, ତେବେ ସଂସ୍ଥାର ସାମ୍ବିଧାନିକ ମର୍ଯ୍ୟାଦା ମଧ୍ୟ ପ୍ରଭାବିତ ହୁଏ।

ଏହି ପ୍ରସଙ୍ଗରେ ସର୍ବୋଚ୍ଚ ନ୍ୟାୟାଳୟର ଭୂମିକା ମଧ୍ୟ ଐତିହାସିକ। ଆଦାଲତ ଏଯାବତ୍ ନିର୍ବାଚନ କମିଶନକୁ ୪୮ଟି ପ୍ରଶ୍ନର ସିଧାସଳଖ ଉତ୍ତର ଦେବାକୁ କହିନାହାନ୍ତି, କିନ୍ତୁ କମିଶନକୁ ନିଜର ପକ୍ଷ ରଖିବାର ସୁଯୋଗ ଦେଇଛନ୍ତି ଏବଂ ପ୍ରଶ୍ନଗୁଡ଼ିକ ବିଚାରଯୋଗ୍ୟ କି ନୁହେଁ ତାହା ଉପରେ ଶୁଣାଣି କରୁଛନ୍ତି। ଏହି ଶୁଣାଣିର ଅନ୍ତିମ ପରିଣାମ ଯାହା ହେଉନା କାହିଁକି, ଏହା ଭାରତୀୟ ଲୋକତନ୍ତ୍ର ପାଇଁ ଏକ ନଜିର ସୃଷ୍ଟି କରିପାରେ। ଯଦି ଆଦାଲତ କହନ୍ତି ଯେ ନିର୍ବାଚନ କମିଶନକୁ ଏପରି ପ୍ରଶ୍ନର ଉତ୍ତର ଦେବାକୁ ହେବ, ତେବେ ଭବିଷ୍ୟତରେ ଅନ୍ୟ ସାମ୍ବିଧାନିକ ସଂସ୍ଥାମାନଙ୍କ କାର୍ଯ୍ୟପ୍ରଣାଳୀ ମଧ୍ୟ ଅଧିକ ସ୍ୱଚ୍ଛ ହୋଇପାରେ। ତାହା ସହ ନାଗରିକଙ୍କ 'ଜାଣିବାର ଅଧିକାର' ଏକ ନୂଆ ମାତ୍ରା ପାଇବ।

ଅନ୍ୟପଟେ, ଯଦି ଆଦାଲତ ଏହି ପ୍ରଶ୍ନଗୁଡ଼ିକୁ ଅସ୍ୱୀକୃତ କରନ୍ତି, ତେବେ ମଧ୍ୟ ଏହି ମାମଲା ଏକ ବଡ଼ ରାଜନୀତିକ ପ୍ରସଙ୍ଗ ଭାବରେ ରହିବ। କାରଣ ତାହାବେଳେ ଆଲୋଚନାର କେନ୍ଦ୍ରରେ ରହିବ ଯେ ସ୍ୱାଧୀନ ସଂସ୍ଥାମାନଙ୍କ ଉପରେ ନଜରଦାରିର ସୀମା କେଉଁଠି ଶେଷ ହେବା ଉଚିତ।ଏହି ସମଗ୍ର ବିବାଦ ଆମକୁ ଏକ ଗଭୀର ସତ୍ୟ ସ୍ମରଣ କରାଏ। ଲୋକତନ୍ତ୍ର କେବଳ ନିର୍ବାଚନର ନାମ ନୁହେଁ। ଲୋକତନ୍ତ୍ର ହେଉଛି ବିଶ୍ୱାସର ବ୍ୟବସ୍ଥା। ଭୋଟର ବିଶ୍ୱାସ କରିବେ ଯେ ତାଙ୍କ ଭୋଟ ଗଣନା ହେବ। ରାଜନୈତିକ ଦଳ ବିଶ୍ୱାସ କରିବେ ଯେ ପ୍ରକ୍ରିୟା ନିରପେକ୍ଷ। ନିର୍ବାଚନ କମିଶନ ବିଶ୍ୱାସ କରିବ ଯେ ତାହାର ନିଷ୍ପତ୍ତିର ଗୁରୁତ୍ୱ ବୁଝାଯିବ। ଏବଂ ନ୍ୟାୟପାଳିକା ବିଶ୍ୱାସ କରିବ ଯେ ସମ୍ବିଧାନର ସୁରକ୍ଷା ତାହାର ସର୍ବୋଚ୍ଚ କର୍ତ୍ତବ୍ୟ।

ସେଥିପାଇଁ ଏହି ୪୮ଟି ପ୍ରଶ୍ନ କେବଳ କାଗଜରେ ଲେଖା କିଛି ବାକ୍ୟ ନୁହେଁ। ଏଗୁଡ଼ିକ ଭାରତୀୟ ଲୋକତନ୍ତ୍ରର ସ୍ୱଚ୍ଛତା, ନିର୍ବାଚନୀ ଅଖଣ୍ଡତା ଏବଂ ସାମ୍ବିଧାନିକ ସଂସ୍ଥାଗୁଡ଼ିକର ଜବାବଦେହିତା ସମ୍ପର୍କରେ ଉଠିଥିବା ମୌଳିକ ପ୍ରଶ୍ନ। ଆଗାମୀ ଦିନରେ ସର୍ବୋଚ୍ଚ ନ୍ୟାୟାଳୟ ଏବଂ ନିର୍ବାଚନ କମିଶନ ଏହାକୁ କିପରି ସମ୍ଭାଳନ୍ତି, ତାହା କେବଳ ଏହି ମାମଲାର ଭବିଷ୍ୟତ ନୁହେଁ, ଭାରତୀୟ ଗଣତନ୍ତ୍ରର ପ୍ରତିଷ୍ଠାନଗତ ବିଶ୍ୱାସର ଭବିଷ୍ୟତକୁ ମଧ୍ୟ ନିର୍ଦ୍ଧାରଣ କରିପାରେ। ଏଠାରେ ଆକର୍ଷଣୀୟ କଥା ହେଉଛି ଯେ ଭାରତ ମେଣ୍ଟର ଆଇନଗତ ପ୍ରସ୍ତୁତି ବହୁତ ପୁଙ୍ଖାନୁପୁଙ୍ଖ ଏବଂ ପ୍ରଶ୍ନଗୁଡ଼ିକ ବହୁତ ସଠିକ୍, ଯାହାର ଉତ୍ତର ଦେବା ତିନି ନିର୍ବାଚନ କମିଶନରଙ୍କ ପାଇଁ କଷ୍ଟକର ହେବ। ସୁପ୍ରିମକୋର୍ଟ ମଧ୍ୟ ଅନୁଭବ କରିଛନ୍ତି ଯେ ମୁଖ୍ୟ ନିର୍ବାଚନ ଅଧିଯୁକ୍ତ ଜ୍ଞାନେଶ କୁମାର ଗଭୀର ସମସ୍ୟାରେ ଅଛନ୍ତି। ତେଣୁ, ସୁପ୍ରିମକୋର୍ଟ ଆସନ୍ତାକାଲିର ଶୁଣାଣି ଡିସେମ୍ବର ୯ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖିଛନ୍ତି।

ସୁଜନପୁର, ଯାଜପୁର
ମୋ-୯୪୩୭୨୮୮୨୮

କବିତା,କଳ୍ପନା ଓ ଗଣତନ୍ତ୍ରର ଆତ୍ମା

ପ୍ରଜ୍ଞା ପ୍ରସାଦ ତଥାଗତ

ବିଶ୍ୱ ସଂସ୍କୃତି ଏବଂ ସାହିତ୍ୟର ଇତିହାସକୁ ଯଦି ଆମେ ଗଭୀର ଭାବରେ ଅନୁଧ୍ୟାନ କରିବା,ତେବେ ଜାଣିବାକୁ ପାଇବା ଯେ କୌଣସି ଦେଶ କେବଳ ସଂସଦର ଆଇନ,କଠୋର ଦଣ୍ଡସଂହିତା କିମ୍ବା ଶାସନତନ୍ତ୍ରର ନିୟମାବଳୀ ଦ୍ୱାରା ପରିଚାଳିତ ହୋଇନଥାଏ।ଏହାର ବହୁ ପୂର୍ବରୁ ସମାଜର ମାନସିକତା,ନୈତିକତା ଏବଂ ମୂଲ୍ୟବୋଧକୁ ଗଢ଼ିବାର କାମ କବିମାନେ କରିଦେଇଥାଆନ୍ତି।

ଇତିହାସକୁ ନଜର ପକାଇଲେ ଦେଖାଯିବ ଯେ ଦାସତ୍ୱର ବିଲୋପ, ମହିଳାମାନଙ୍କ ମତାଧିକାର ଏବଂ ନାଗରିକ ଅଧିକାର ପାଇଁ ଆଇନଗତ ସ୍ୱୀକୃତି ମିଳିବା ପୂର୍ବରୁ,କବିମାନେ ନିଜର ଲେଖନୀ ମାଧ୍ୟମରେ ସେହି ଅଧିକାରଗୁଡ଼ିକର ଆବଶ୍ୟକତାକୁ ମାନବ ଆତ୍ମାରେ ପ୍ରତିଷ୍ଠିତ କରିସାରିଥିଲେ। ଭାରତୀୟ ସଂସ୍କୃତିରେ ଏହି ଉଦାହରଣକୁ ଅନୁସନ୍ଧାନ କଲେ ଆମେ ସନ୍ଥ କବି କବୀରଙ୍କ ଦୋହାଠାରୁ ଆରମ୍ଭ କରି ଗୋସ୍ୱାମୀ ତୁଳସୀଦାସଙ୍କ ରାମଚରିତମାନସ ପର୍ଯ୍ୟନ୍ତ ସବୁଠାରେ ଏହାର ପ୍ରମାଣ ପାଇଥାଉ। ଯେତେବେଳେ ସମାଜରେ ଜାତିଗତ ପଦାନୁକ୍ରମ ଏବଂ ଅନ୍ଧବିଶ୍ୱାସର ପ୍ରାଚୀର ଥିଲା,ସେତେବେଳେ କବୀରଙ୍କ ସ୍ୱର ସମାଜକୁ ଏକ ନୂତନ ଦିଗ ଦେଖାଇଥିଲା,ଯାହା ପରବର୍ତ୍ତୀ ସମୟରେ ଆଧୁନିକ ଆଇନର ମୂଳଦୁଆ ସାଜିଥିଲା। ସେହିପରି ତୁଳସୀଦାସଙ୍କ ଭକ୍ତି ସମତାବାଦ କୌଣସି ରାଜକୀୟ ଅଧ୍ୟାଦେଶ ବିନା ଘରକୁ ଘରକୁ ମାନବୀୟ ମୂଲ୍ୟବୋଧ ପହଞ୍ଚାଇଥିଲା। ରବୀନ୍ଦ୍ରନାଥ ଠାକୁରଙ୍କ 'ଗୀତାଞ୍ଜଳି' କେବଳ କିଛି କବିତାର ସମାହାର ନ ଥିଲା ବରଂ ଏହା ମାନବୀୟ ଗରିମା ଏବଂ ମୁକ୍ତ ଚିନ୍ତନର ଏକ ଜୀବନ୍ତ ପ୍ରମାଣ ଥିଲା। ସେହିପରି ସୁବ୍ରମଣ୍ୟମ ଭାରତୀଙ୍କ କବିତାଗୁଡ଼ିକ ଭାରତୀୟ ଜାତୀୟତାବୋଧକୁ ସେତେବେଳେ ପ୍ରାଣ ପ୍ରତିଷ୍ଠା କରିଥିଲା, ଯେତେବେଳେ ଦେଶରେ ସ୍ୱାଧୀନତାର କୌଣସି ଆନୁଷ୍ଠାନିକ ରେଖା ପ୍ରସ୍ତୁତ ହୋଇନଥିଲା।ଗାଲିବଙ୍କ କବିତାଗୁଡ଼ିକ ସବୁବେଳେ ଅ

ভিমপ্রহারে প্রাণ কাড়ার অভিযোগে বোর্ডিং মালিক ও চারজন যুবককে

শঙ্করপুর,(বিপ্র): শনিবার ভোর রাতে বোর্ডিং মালিক ও তাঁর ভাইপো সহ চারজন যুবককে বেধড়ক মারধরের অভিযোগ উঠেছে। ঘটনায় আহত ৫ জনকে ভর্তি করা হয়েছে শঙ্করপুর মহকুমা হাসপাতালে। এঁদের মধ্যে ২ জনকে উন্নত চিকিৎসার জন্য রেফার করা হয়েছে। অভিযুক্তরা হলেন বোর্ডিং মালিক সুবল সাহা, তাঁর ভাইপো রাজু সাহা, বন্ধু সুমন দাস ও অজ্ঞাত আরও ১ জন। তাঁরা সকলেই পলাতক রয়েছেন। আহত ছাত্রদের অভিযোগ, শুক্রবার রাতে খাবার নিয়ে তাদের সঙ্গে মালিক ও তাঁর ভাইপোর বচসা হয়। এক পর্যায়ে তাঁরা ছাত্রদের উপর চড়াও হয়ে লাথি, কিল ও ঘুষি মারতে থাকেন। ঘটনার সময় বোর্ডিংয়ে ৩৫ জন ছাত্র ছিল। আহত ছাত্রদের মধ্যে রয়েছে ১০ম শ্রেণির ছাত্র রাহুল বর্মন, ৯ম শ্রেণির ছাত্র সজল মাহাতো, ৮ম শ্রেণির ছাত্র অর্ণব সিংহ, ৭ম শ্রেণির ছাত্র তন্ময় দাস ও ৬ষ্ঠ শ্রেণির ছাত্র প্রিয়ম বসাক। তাদের শরীরে কালশিটে ও ফোলা দাগ রয়েছে। আহত ছাত্রদের অভিভাবকরা জানান, ছাত্রদের মধ্যে কয়েকজন দরিদ্র পরিবারের সন্তান। তাঁরা সন্তানদের পড়াশোনার জন্য বোর্ডিংয়ে রেখেছিলেন। ঘটনার পর থেকে মালিক ও তাঁর ভাইপো পলাতক রয়েছেন। তাঁদের মোবাইল ফোন বন্ধ পাওয়া গেছে। অভিযুক্তদের গ্রেপ্তারের দাবিতে শনিবার সকাল ১০টা থেকে শঙ্করপুর-বালুচর সড়ক অবরোধ করেন ছাত্রদের অভিভাবক ও স্থানীয় বাসিন্দারা। প্রায় ২ ঘণ্টা অবরোধের পর পুলিশ ঘটনাস্থলে গিয়ে অবরোধ তুলে দেয়। শঙ্করপুর থানার ওসি (তদন্ত) মিজানুর রহমান জানান, অভিযুক্তদের গ্রেপ্তারে অভিযান চলছে। আহত ছাত্রদের মধ্যে ২ জনকে উন্নত চিকিৎসার জন্য রেফার করা হয়েছে।

চাষাবাদে ড্রোন ব্যবহারে কৃষকদের আগ্রহ বাড়াতে উদ্যোগ

চন্দ্রাবতী,(বিপ্র): কৃষিকাজে ড্রোন ব্যবহারে কৃষকদের আগ্রহ বাড়াতে উদ্যোগ নিয়েছে চন্দ্রাবতী কৃষি মহাবিদ্যালয়। মঙ্গলবার কলেজ চত্বরে ড্রোন প্রযুক্তির ওপর একদিনের প্রশিক্ষণ কর্মশালার আয়োজন করা হয়। কর্মশালায় ৮০ জন কৃষক অংশগ্রহণ করেন। কৃষি বিজ্ঞানীরা হাতে-কলমে ড্রোন পরিচালনা, ওষুধ ছিটানো ও ফসল পর্যবেক্ষণের কৌশল দেখান। কলেজের অধ্যক্ষ ড. সুবীর কুমার দাস বলেন, শ্রমিক সংকট ও খরচ কমাতে ড্রোন কৃষকের বড় ভরসা হতে পারে। তিনি জানান, ড্রোন ব্যবহারে ধানের ফলন ১৫ থেকে ২০ শতাংশ পর্যন্ত বাড়ানো সম্ভব। কর্মশালা পরিচালনা করেন কৃষি বিজ্ঞানী ড. মৌসুমী বিশ্বাস ও ড্রোন প্রযুক্তিবিদ রাকিব হাসান। অংশগ্রহণকারী কৃষকদের মধ্যে সনদপত্র ও ড্রোন ব্যবহারের প্রাথমিক সরঞ্জাম বিতরণ করা হয়।

ভোরে ট্রাক্টর উল্টে চালক নিহত

ঝিনুকবেড়িয়া,(বিপ্র): ভোরে ট্রাক্টর উল্টে চালক নিহত হয়েছেন। মঙ্গলবার সকাল ৬টা ১৫ মিনিটে ঝিনুকবেড়িয়া-কাঁকুড়িয়া সড়কের ঝিনুকবেড়িয়া বাজার সংলগ্ন এলাকায় দুর্ঘটনাটি ঘটে। নিহত চালক ঝিনুকবেড়িয়া গ্রামের বাসিন্দা মো. আবদুল মতিন (৪৫)। তিনি ট্রাক্টরটি নিয়ে ইটভাটায় যাচ্ছিলেন। ঝিনুকবেড়িয়া ফাঁড়ির ওসি মো. শহিদুল ইসলাম ঘটনাস্থল পরিদর্শন করেন। তিনি জানান, ট্রাক্টরটি উদ্ধার করে থানায় নিয়ে আসা হয়েছে। মরদেহ ময়নাতদন্তের জন্য ঝিনুকবেড়িয়া উপজেলা স্বাস্থ্য কমপ্লেক্সে পাঠানো হয়েছে। এ ঘটনায় মামলা হয়নি।

ঘুমন্ত অবস্থায় ৫ বছরের শিশুকে তুলে নিয়ে গেল বাবা

ঘুমন্ত অবস্থায় নিখোঁজ হওয়া ৫ বছরের শিশুকে ৩৬ ঘণ্টা পর উদ্ধার করেছে পুলিশ। শনিবার ভোরে শিশুটির বাবা মো. সাইফুল ইসলামকে (৩৫) গ্রেপ্তার করা হয়েছে। শিশুটির নাম তাসলিমা আক্তার। সে স্থানীয় একটি বেসরকারি বিদ্যালয়ের প্রথম শ্রেণির শিক্ষার্থী। পুলিশ জানায়, সাইফুল ইসলাম ও তাঁর স্ত্রী মাহফুজা বেগম দম্পতির মধ্যে দীর্ঘদিন ধরে পারিবারিক কলহ চলছিল। মাহফুজা বেগম তাঁর বাবার বাড়িতে থাকতেন। গত বুধবার রাতে সাইফুল ইসলাম শ্বশুরবাড়ি থেকে মেয়েকে নিয়ে আসেন। পরে তিনি মেয়েকে নিয়ে নিজ বাড়ি ত্যাগ করেন। বৃহস্পতিবার সকালে মাহফুজা বেগম মেয়েকে না দেখে থানায় অভিযোগ করেন। পুলিশ তদন্ত শুরু করে। শনিবার ভোরে সাইফুল ইসলামকে গ্রেপ্তার করা হয়। তাঁর দেওয়া তথ্য অনুযায়ী শিশুটিকে উদ্ধার করা হয়।

ঘুমন্ত অবস্থায় নিখোঁজ শিশুকে ৩৬ ঘণ্টা পর উদ্ধার, বাবা গ্রেপ্তার

বন্দিনগর,(৫.ঘু)ঃ ঝিনুকবা এক শ্যালক হাজার টাকা চাওয়াকে কেন্দ্র করে বোনের সংসার ভাঙার অভিযোগ উঠেছে। শনিবার সকালে উপজেলার বন্দিনগর থানার সামনে মানববন্ধন করেছেন ভুক্তভোগী গৃহবধূ মোছা. শিরিনা আক্তার। এ সময় তাঁর সঙ্গে ছিলেন স্বামী মো. আবুল কাশেম ও তাঁদের দুই সন্তান। মানববন্ধনে শিরিনা আক্তার অভিযোগ করেন, তাঁর স্বামী মো. আবুল কাশেম ও শ্বশুর মো. আবদুল মতিন দীর্ঘদিন ধরে তাঁকে নির্যাতন করে আসছিলেন। সম্প্রতি তাঁর শ্যালক মো. রফিকুল ইসলাম ১ লাখ টাকা যৌতুক দাবি করেন। টাকা দিতে অস্বীকৃতি জানানোয় তাঁকে মারধর করে বাড়ি থেকে বের করে দেওয়া হয়। তিনি অভিযোগ করেন, ঘটনার পর থেকে তাঁর স্বামী ও শ্বশুর তাঁকে ফোনে হুমকি দিচ্ছেন। এ বিষয়ে থানার ওসি (তদন্ত) মো. সাইফুল আলম ভূঁইয়া বলেন, অভিযোগটি তদন্ত করা হচ্ছে।

ঘুমন্ত অবস্থায় নিখোঁজ ৫ বছরের শিশুকে ৩৬ ঘণ্টা পর উদ্ধার, বাবা গ্রেপ্তার

কাঁকনবেড়া,(বিপ্র): ৫ বছরের শিশুকে ৩৬ ঘণ্টা পর উদ্ধার করেছে পুলিশ। শনিবার ভোরে শিশুটির বাবা মো. সাইফুল ইসলামকে (৩৫) গ্রেপ্তার করা হয়েছে। শিশুটির নাম তাসলিমা আক্তার। সে স্থানীয় একটি বেসরকারি বিদ্যালয়ের প্রথম শ্রেণির শিক্ষার্থী। পুলিশ জানায়, সাইফুল ইসলাম ও তাঁর স্ত্রী মাহফুজা বেগম দম্পতির মধ্যে দীর্ঘদিন ধরে পারিবারিক কলহ চলছিল। বৃহস্পতিবার সকালে মাহফুজা বেগম মেয়েকে না দেখে তাঁর বাবার বাড়িতে থাকতেন। সম্প্রতি তাঁর স্বামী মেয়েকে নিয়ে আসেন। পরে তিনি মেয়েকে নিয়ে নিজ বাড়ি ত্যাগ করেন। বৃহস্পতিবার সকালে মাহফুজা বেগম মেয়েকে না দেখে থানায় অভিযোগ করেন। পুলিশ তদন্ত শুরু করে। শনিবার ভোরে শিশুটিকে উদ্ধার করা হয়। তাঁর দেওয়া তথ্য অনুযায়ী শিশুটিকে উদ্ধার করা হয়।

তাসলিমা বেগম হত্যা মামলায় স্বামী গ্রেপ্তার

কাঁকনবেড়া,(বিপ্র): তাসলিমা বেগম হত্যা মামলায় স্বামী মো. আবুল কাশেম মোল্লাকে গ্রেপ্তার করেছে পুলিশ। শনিবার ভোরে শহরের কাঁকনবেড়া পৌরসভার ৭ নম্বর ওয়ার্ডের ভাড়া বাসা থেকে তাঁকে আটক করা হয়। নিহত তাসলিমা বেগম (৩২) ওই বাসার একটি কক্ষে গলায় ওড়না পেঁচানো অবস্থায় ঝুলন্ত অবস্থায় উদ্ধার হন। গত বুধবার সকালে তাঁর মরদেহ উদ্ধার করে পুলিশ। নিহতের বাবা আবদুল মতিন বাদী হয়ে আবুল কাশেমের বিরুদ্ধে মামলা করেন। মামলার এজাহারে তিনি অভিযোগ করেন, তাঁর মেয়ে তাসলিমা বেগমকে যৌতুকের জন্য নির্যাতন করা হতো। ঘটনার দিন সকালে তাঁর মেয়ের মৃত্যুর খবর পেয়ে তিনি ঘটনাস্থলে যান। কাঁকনবেড়া থানার ওসি (তদন্ত) মো. রফিকুল আলম ভূঁইয়া বলেন, মামলার এজাহারনামীয় আসামি আবুল কাশেম মোল্লাকে গ্রেপ্তার করা হয়েছে। তাঁকে আদালতে পাঠানো হবে।

ধানের দাম ও ব্যয়ের সমন্বয় চাইছে চাষিরা

তাপসবন্দর,(বিপ্র): তাপসী ফুল চাষিরা তাঁদের উৎপাদিত ফুলের ন্যায্য মূল্য ও ব্যয়ের সমন্বয় চাইছেন। শনিবার সকালে উপজেলা কৃষি অফিস চত্বরে আয়োজিত এক মানববন্ধনে এ দাবি তোলেন তাঁরা। মানববন্ধনে ফুলচাষি ও ব্যবসায়ীরা অংশ নেন। পরে তাঁরা একটি স্মারকলিপি উপজেলা নির্বাহী কর্মকর্তার (ইউএনও) কাছে জমা দেন। স্মারকলিপিতে বলা হয়, তাপসী ফুল চাষিদের একটি বড় অংশ ভূমিহীন বর্গাচাষি। তাঁরা জমির মালিককে ফসলের ৫০ শতাংশ দিয়ে থাকেন। এ ছাড়া সার, কীটনাশক, সেচ, শ্রমিক মজুরি ও পরিবহন খরচ বাড়ায় উৎপাদন ব্যয় অনেক বেড়েছে। কিন্তু বাজারে ফুলের দাম সেই তুলনায় বাড়ছে না। ফলে অনেক চাষি ঋণের বোঝা নিয়ে বিপাকে পড়ছেন। মানববন্ধনে বক্তব্য দেন ফুলচাষি আবদুল হালিম, রহিমা বেগম ও সুবল চন্দ্র বর্মণ। তাঁরা বলেন, ফুল বিক্রির টাকা থেকে সার, কীটনাশক ও শ্রমিকের মজুরি দিতে গিয়ে অনেক পরিবারে সংসার চালানো কঠিন হয়ে পড়েছে। তাঁরা ফুলের ন্যায্য মূল্য নির্ধারণ, সার ও কীটনাশকে ভর্তুকি এবং ফুল সংরক্ষণের জন্য একটি কোল্ড স্টোরেজ নির্মাণের দাবি জানান। তাপসবন্দর উপজেলা নির্বাহী কর্মকর্তা (ইউএনও) মো. রেজাউল করিম খন্দকার বলেন, দাবিগুলো যৌক্তিক। সেগুলো জেলা প্রশাসকের মাধ্যমে সংশ্লিষ্ট দপ্তরে পাঠানো হবে।

ধানের দাম ও ব্যয়ের সমন্বয় চাইছেন ফুলচাষিরা

তাপসবন্দর,(বিপ্র): তাপসী ফুল চাষিরা তাঁদের উৎপাদিত ফুলের ন্যায্য মূল্য ও ব্যয়ের সমন্বয় চাইছেন। শনিবার সকালে উপজেলা কৃষি অফিস চত্বরে এক মানববন্ধনে তাঁরা এ দাবি তোলেন

‘ଫିକ୍କି’ର ବାର୍ଷିକ ସମ୍ମିଳନୀରେ ମୋଦି

ଭାରତର ବିକାଶ ଯାତ୍ରା ନୂତନ ସୁଯୋଗ ସୃଷ୍ଟି କରୁଛି



ନୂଆଦିଲ୍ଲୀ,୧୯।୧୧(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ନୂଆଦିଲ୍ଲୀ ସ୍ଥିତ ଭାରତ ମଣ୍ଡପମରେ ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକ୍କି) ର ବାର୍ଷିକ ସାଧାରଣ ସଭା ଏବଂ ବାର୍ଷିକ ସମ୍ମିଳନୀକୁ ଉଦଘାଟନ କରିଛନ୍ତି। ଫିକ୍କିର ଶତବାର୍ଷିକୀ ଉତ୍ସବ ଅବସରରେ ଉପସ୍ଥିତ ଜନସମାବେଶକୁ ଉଦବୋଧନ ଦେଇ ସେ କହିଥିଲେ ଯେ, ପୂର୍ବରୁ ସେ ଅନେକ ଥର ଫିକ୍କିର କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। କିନ୍ତୁ ଆଜିର ଏହି ମାଇଲଖୁଣ୍ଟ ବିଶେଷ ଗୁରୁତ୍ୱପୂର୍ଣ୍ଣ। କାରଣ, ଏହି ସଂସ୍ଥା ୧୦୦ ବର୍ଷ ଧରି ସତର୍କ ରହି, ପରିବର୍ତ୍ତନଶୀଳ ସମୟ ସହିତ ତାଳ ଦେଇ ବିକଶିତ ହୋଇଛି ଏବଂ ଭାରତର ଅର୍ଥନୈତିକ ଯାତ୍ରାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଆସିଛି। ଗତ ଏକ ଶତାବ୍ଦୀ ମଧ୍ୟରେ ଭାରତର ଅର୍ଥନୈତିକ ଗତିପଥ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ, ବିଗତ ୧୨ ବର୍ଷ ମଧ୍ୟରେ ଦେଶର ନାଗରିକ, ଯୁବକ, କୃଷକ, ଶ୍ରମିକ ଏବଂ ଉଦ୍ୟୋଗ ଜଗତର କଠିନ ପରିଶ୍ରମ ପରିସ୍ଥିତିକୁ ସମ୍ପୂର୍ଣ୍ଣ ବଦଳାଇ ଦେଇଛି। ‘ଆଜି ଭାରତରେ ବିକାଶର ଗତି ସବୁଠାରୁ ଦ୍ରୁତ ରହିଛି ଏବଂ ଦାରିଦ୍ର୍ୟରୁ ମୁକ୍ତ ହେବାର ହାର ମଧ୍ୟ ଅଭୂତପୂର୍ବ ଅଟେ।’ ମାତ୍ର ୧୨ ରୁ ୧୩ ବର୍ଷ ମଧ୍ୟରେ ୫୦ କୋଟି ଭାରତୀୟ ଦାରିଦ୍ର୍ୟକୁ ପରାସ୍ତ କରିଛନ୍ତି ବୋଲି ବିଶ୍ୱ ବ୍ୟାଙ୍କର ସଦ୍ୟତମ ରିପୋର୍ଟରେ ଉଲ୍ଲେଖ ରହିଛି। ଏହି ଉପଲବ୍ଧି ଦେଶ ପାଇଁ ଗର୍ବର ବିଷୟ ବୋଲି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ମୋଦି କହିଥିଲେ ଯେ, ଏହି ରିପୋର୍ଟ ଆମ ସମସ୍ତଙ୍କ ଭିତରେ ଗର୍ବର ଭାବନା ଭରିଦେବ। ସଠିକ୍ ନୀତି ଏବଂ ଉଦ୍ଦେଶ୍ୟ ଯୋଗୁଁ ଗତ ୧୨ ରୁ ୧୩ ବର୍ଷ ମଧ୍ୟରେ ୫୦ କୋଟି ଲୋକ ଦାରିଦ୍ର୍ୟ ସୀମାରୁ ଉପରକୁ ଉଠିପାରିଛନ୍ତି। ଏହାକୁ ଆଧାର କରି ପ୍ରଧାନମନ୍ତ୍ରୀ ଭାରତର ବର୍ତ୍ତମାନର ଅଗ୍ରଗତି ଉପରେ ଆଲୋକପାତ କରିଥିଲେ।ପ୍ରଧାନମନ୍ତ୍ରୀ ମୋଦି ଦୃଢ଼ତାର ସହ ଉଲ୍ଲେଖ କରିଥିଲେ, ‘ଏଥିରୁ ସ୍ପଷ୍ଟ ହେଉଛି ଯେ ଭାରତ ଆଜି ଯେଉଁ ପଥରେ ଆଗକୁ ବଢୁଛି, ପ୍ରଧାନମନ୍ତ୍ରୀ କହିଥିଲେ ଯେ, ବିଭିନ୍ନ ପ୍ରମୁଖ ସଂସ୍ଥାଗୁଡ଼ିକର ଆକଳନ ଅନୁଯାୟୀ ଭାରତର ଅର୍ଥନୀତି ପ୍ରାୟ ୭ ପ୍ରତିଶତ ହାରରେ ଅଭିବୃଦ୍ଧି ଲାଭ କରିବ।

ଦଙ୍ଗା ଓ ଅରାଜକତାରୁ ବାହାରି ‘ଲ୍ୟାଣ୍ଡ ଅଫ୍ ଲ’ ହୋଇଛି ଉତ୍ତରପ୍ରଦେଶ: ଯୋଗୀ

ନୂଆଦିଲ୍ଲୀ,୧୯।୧୧: ଦିନେ ଦଙ୍ଗା ଓ ଅରାଜକତା ପାଇଁ ଚର୍ଚ୍ଚାରେ ରହୁଥିବା ଉତ୍ତରପ୍ରଦେଶ ଏବେ ଆଇନର ଶାସନ ପାଇଁ ପରିଚିତ ହୋଇଛି। ଅପରାଧୀଙ୍କ ମନରେ ଆଉ ଭୟ ନାହିଁ, ବରଂ ଆଇନର ଶାସନ ପ୍ରତିଷ୍ଠା ହୋଇଛି । ଉତ୍ତରପ୍ରଦେଶ ଏବେ ‘ଲ’ଲେସ୍ ଲ୍ୟାଣ୍ଡ’ରୁ ‘ଲ୍ୟାଣ୍ଡ ଅଫ୍ ଲ’ରେ ପରିଣତ ହୋଇଛି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ । ବୁଧବାର ଲକ୍ଷ୍ନୌ ପୋଲିସ ଲାଇନ୍ସରେ ଏନଏସଜି ଓ ଉତ୍ତରପ୍ରଦେଶ ପୋଲିସର ମିଳିତ କ୍ଷମତା ବିକାଶ ତାଲିମ କାର୍ଯ୍ୟକ୍ରମର ଶୁଭାରମ୍ଭ କରି ଏଭଳି କହିଛନ୍ତି ଯୋଗୀ। ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଭ୍ୟନ୍ତରୀଣ ସୁରକ୍ଷାକୁ ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନୀତି ସ୍ପଷ୍ଟ । ଅପରାଧୀଙ୍କୁ ଅଭୟ ନାହିଁ, ଆତଙ୍କବାଦୀଙ୍କୁ ସୁଯୋଗ ନାହିଁ ଏବଂ ଦେଶର ସୁରକ୍ଷା ସହ କୌଣସି ସାଲିସ୍ କରାଯିବ ନାହିଁ । ଆଜି ସାରା ଦେଶ ଉତ୍ତରପ୍ରଦେଶ ପୋଲିସ ଓ ଏଟିଏସର ସାହସିକତା ପାଇଁ ଗର୍ବ ଅନୁଭବ କରୁଛି। ବର୍ତ୍ତମାନ ସମୟରେ ସୁରକ୍ଷା ଚ୍ୟାଲେଞ୍ଜର ରୂପ ବଦଳିଥିବା କହିଛନ୍ତି ଯୋଗୀ। ଶତ୍ରୁ ଏବେ ଅଦୃଶ୍ୟ ମୋର୍ଚ୍ଚାରୁ ଆକ୍ରମଣ କରୁଛି। ହୱାଲା ନେଟୱର୍କ, ନକଲି ନୋଟ୍, ବେଆଇନ ଧର୍ମାନ୍ତରଣ, ସାଇବର ଅପରାଧ ଏବଂ କ୍ରିପଟୋକରେନ୍ସି ମାଧ୍ୟମରେ ସମାଜ ଭିତରୁ ବ୍ୟବସ୍ଥାକୁ ଦୁର୍ବଳ କରିବାକୁ ଷଡ଼ଯନ୍ତ୍ର ହେଉଛି । ତେବେ ଉତ୍ତରପ୍ରଦେଶ ପୋଲିସ ଓ ଏଟିଏସର ଯବାନମାନେ ଏଭଳି ଷଡ଼ଯନ୍ତ୍ରକୁ ପଣ୍ଡ କରିବାରେ ସଫଳ ହୋଇଛନ୍ତି। ସେ କହିଛନ୍ତି, ରାଜ୍ୟରେ ଏବେ ଏଟିଏସର ୨୧ଟି ଫିଲ୍ଡ ୟୁନିଟ୍ କାର୍ଯ୍ୟ କରୁଛି। ଏହା ସହିତ ଆଉ ୧୦ଟି ନୂଆ ଫିଲ୍ଡ ୟୁନିଟ୍ ଗଠନ କରାଯାଇଛି । ଏଟିଏସରେ ବେଆଇନ ଧର୍ମାନ୍ତରଣ ସେଲ୍, କ୍ରିପଟୋ ଆନାଲିସିସ୍ ୱିଙ୍ଗ୍ ଏବଂ ସାଇବର ଅପରେସନ୍ସ ଟିମ୍ ରହିଛି । ଏହା ଦ୍ୱାରା ରାଜ୍ୟର ସୁରକ୍ଷା ବ୍ୟବସ୍ଥା ଆହୁରି ମଜଭୁତ ହୋଇଛି । ଉତ୍ତରପ୍ରଦେଶରେ ପୋଲିସ ବ୍ୟବସ୍ଥାର ଆଧୁନିକୀକରଣ ଉପରେ ସରକାର ଗୁରୁତ୍ୱ ଦେଇଛନ୍ତି । ପୋଲିସ ନିଯୁକ୍ତିରେ ସ୍ୱଚ୍ଛତା ଆଣିବା ସହ ପୋଲିସ ବଜେଟ୍ଠାରୁ ୪ ଗୁଣ ବୃଦ୍ଧି କରାଯାଇଛି । ରାଜ୍ୟରେ ସାଇବର ଥାନା ସଂଖ୍ୟା ୨ରୁ ବୃଦ୍ଧି ପାଇ ୭୫ଟି ଜିଲ୍ଲାକୁ ସମ୍ପ୍ରସାରିତ ହୋଇଛି ।

କାଶ୍ମୀରରେ ଶୂନ୍ୟରୁ ତଳକୁ ଖସିଲା ପାରଦ

ନୂଆଦିଲ୍ଲୀ,୧୯।୧୧: ଉତ୍ତର ଭାରତରେ ଘନ କୁହୁଡି ଓ ଥଣ୍ଡାପଡିବା ଆରମ୍ଭ ହୋଇଯାଇଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମଡି)ଙ୍କ ତାଜା ଅପଡେଟ୍ ଅନୁସାରେ ଦେଶର ପାଣିପାଗ ଏବେ ଦୁଇଟି ଅଲଗା ଅଲଗା ଭାଗରେ ବାଣ୍ଟି ହୋଇ ରହିଛି। ଗୋଟିଏ ପଟେ ପାର୍ବତ୍ୟାଞ୍ଚଳରେ ପାରଦ ଶୂନ୍ୟରୁ ତଳକୁ ଖସୁଥିବା ବେଳେ ସମତଳ ଅଞ୍ଚଳରେ ଥଣ୍ଡା ପଡିଲାଣି। ଅନ୍ୟପଟେ ଉପକୂଳ ରାଜ୍ୟମାନଙ୍କ ଉପରେ ଘୂର୍ଣ୍ଣିବାତ୍ୟାର ଭୟ ଲାଗି ରହିଛି। ଉତ୍ତରଭାରତୀୟ ପାର୍ବତ୍ୟାଞ୍ଚଳରେ ହୀମପାତ ଓ ଥଣ୍ଡା ବାୟୁ ପ୍ରବାହ ଯୋଗୁ ତାପମାତ୍ରାରେ ଦ୍ରୁତ ହ୍ରାସ ହୋଇଛି। କାଶ୍ମୀର ଉପତ୍ୟାକାର ଅନେକ ଅଞ୍ଚଳରେ ତାପମାତ୍ରା ଏବେ ଶୂନ ଡିଗ୍ରି ସେଲସିୟସରୁ ତଳକୁ ଖସିଛି। ସେହିପରି ଦକ୍ଷିଣ ଭାରତର ହିଲଷ୍ଟେସନ ଉଟିରେ ଚଳିତ ଋତୁର ପ୍ରଥମ ତୁଷାରପାତ ହୋଇଛି। ଜାତୀୟ ରାଜଧାନୀ ଦିଲ୍ଲୀ ଓ ଆଖପାଖ ଅଞ୍ଚଳରେ ସକାଳ ଓ ରାତି ସମୟର ପାରଦ ଖସିଛି। ୧୯ ନଭେମ୍ବର ଗୁରୁବାର ଦିଲ୍ଲୀର ସର୍ବାଧିକ ତାପମାତ୍ରା ୨୬ ଡିଗ୍ରି ସେଲସିୟସ ରେକର୍ଡ ହୋଇଥିବା ବେଳେ ସର୍ବନିମ୍ନ ତାପମାତ୍ରା ୧୨ ଡିଗ୍ରି ସେଲସିୟସ ଆଖପାଖରେ ରହିବ ବୋଲି ଅନୁମାନ କରାଯାଉଛି।

ଟିଭିକେ ବିଧାୟକ ଭିଏସ୍ ବାବୁଙ୍କ ବିୟୋଗ

ନୂଆଦିଲ୍ଲୀ,୧୯।୧୧: ତାମିଲନାଡୁର ତାମିଲଗା ଭେଟ୍ରି କାଝଗମ (ଟିଭିକେ)ର ବିଧାୟକ ଭିଏସ୍ ବାବୁଙ୍କ ୭୫ ବର୍ଷ ବୟସରେ ପରଲୋକ ହୋଇଯାଇଛି। ତାମିଲନାଡୁ ରାଜନୀତିର ଜଣେ ବରିଷ୍ଠ ନେତା ଏବଂ କୋଲାଥୁର ନିର୍ବାଚନ ମଣ୍ଡଳୀର ବିଧାୟକ ଭି.ଏସ୍. ବାବୁ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ । ଶେଷରେ ଗୁରୁବାର ଅପରାହ୍ନରେ ତାଙ୍କର ଦେହାନ୍ତ ହୋଇଛି। ତାମିଲନାଡୁ ବିଧାନସଭା ନିର୍ବାଚନରେ ଡିଏମକେ ଅଧ୍ୟକ୍ଷ ଏମ୍.କେ. ଷ୍ଟାଲିନଙ୍କୁ ତାଙ୍କରି ଗଡ଼ରେ ପରାସ୍ତ କରି ଚର୍ଚ୍ଚାକୁ ଆସିଥିଲେ ଟିଭିକେ ବିଧାୟକ ବାବୁ। ସେ ଦୀର୍ଘ ୭୨ ଦିନ ଧରି ଡାକ୍ତରଖାନାରେ ଚିକିତ୍ସାଧୀନ ରହିବା ପରେ ୭୫ ବର୍ଷ ବୟସରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଦୁଇଥର ବିଧାୟକ ଭାବରେ ନିର୍ବାଚିତ ହୋଇଥିବା ଭିଏସ୍ ବାବୁ ପ୍ରଥମେ ୨୦୦୬ ମସିହାରେ ଡିଏମକେ ଟିକେଟରେ ତାମିଲନାଡୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ।

ବସ୍ -ଏଲ୍‌ପିଜି ଗ୍ୟାସ୍ ଟ୍ୟାଙ୍କର ମଧ୍ୟରେ ଧକ୍କା: ଜିଅନ୍ତା ଜଳିଗଲେ ୧୦ ଲୋକ

ବଲୁଚିସ୍ତାନ,୧୯।୧୧ : ପାକିସ୍ତାନର ବଲୁଚିସ୍ତାନ ରାଜ୍ୟରେ ଥିବା ମକ୍ରାନ କୋଷ୍ଟାଲ୍ ହାଇୱେରେ ଭୟଙ୍କର ଦୁର୍ଘଟଣା। ଏକ ଯାତ୍ରୀବାହୀ ବସ୍ ଓ ଏଲପିଜି ଗ୍ୟାସ୍ ଟ୍ୟାଙ୍କର ମଧ୍ୟରେ ଜୋରଦାର ଧକ୍କା, ଯେଉଁଥିରେ ୧୦ ଜଣ ଲୋକଙ୍କର ମୃତ୍ୟୁ ହୋଇଥିବା ବେଳେ ୨୭ ଜଣ ଆହତ ହୋଇଛନ୍ତି। ସୂଚନା ଅନୁସାରେ, ଧକ୍କା ହେବାର ତୁରନ୍ତ ପରେ ଉଭୟ ଗାଡ଼ିରେ ନିଆଁ ଲାଗି ଯାଇଥିଲା, ଫଳରେ ଅନେକ ଯାତ୍ରୀ ବସ୍ ଭିତରେ ହିଁ ଫସି ରହି ଥିଲେ। ‘ଡନ୍’ର ରିପୋର୍ଟ ଅନୁଯାୟୀ, ଏହି ଦୁର୍ଘଟଣା ଗୁରୁବାର ସକାଳ ପ୍ରାୟ ୧୦ଟା ୩୦ ମିନିଟରେ , ଗ୍ୱାଦର ଜିଲ୍ଲାର ଓରମାରା ଅଞ୍ଚଳରେ ଥିବା ବସୋଲ୍ ନିକଟସ୍ଥ , କୋଷ୍ଟାଲ୍ ହାଇୱେ ପୁଲିସ ଚେକପଏଣ୍ଟ ପାଖରେ ଘଟିଛି । ତୁର୍ବତରୁ କରାଚୀ ଯାଉଥିବା ଏକ ଘରୋଇ ଯାତ୍ରୀବାହୀ ବସ୍ ସହିତ ବିପରୀତ ଦିଗରୁ ଆସୁଥିବା ଏକ ଖଚଏ ଗ୍ୟାସ୍ ଟ୍ୟାଙ୍କରର ଧକ୍କା ହୋଇ ଥିଲା, ଯାହା କରାଚୀରୁ ଗ୍ୱାଦର ନିକଟସ୍ଥ ଇରାନ-ଗାବଦ ସୀମା ଆଡ଼କୁ ଯାଉଥିଲା । ଧକ୍କା ଏତେ ଜୋରଦାର ଥିଲା ଯେ ଉଭୟ ଗାଡ଼ିରେ ସଙ୍ଗେ ସଙ୍ଗେ ନିଆଁ ଲାଗି ଯାଇଥିଲା। ବସରେ ମହିଳା ଓ ଶିଶୁଙ୍କ ସମେତ ୪୦ରୁ ଅଧିକ ଯାତ୍ରୀ ଥିଲେ, ଯେଉଁମାନଙ୍କ ମଧ୍ୟରୁ ଅନେକ ନିଆଁ ଭିତରେ ଫସି ରହିଥିଲେ।

ଇରାନ ରାସାୟନିକ ଓ ଜୈବିକ ଅସ୍ତ୍ର ବ୍ୟବହାର ପାଇଁ ଉଦ୍ୟମ କରୁଥିବା ସୂଚନା ରହିଛି: ଟ୍ରମ୍ପ

ନୂଆଦିଲ୍ଲୀ,୧୯।୧୧: ପରମାଣୁ ଅସ୍ତ୍ର ହାସଲ କରିବାରେ ବାଧା ସୃଷ୍ଟି ହେବା ପରେ ଇରାନ ଏବେ ରାସାୟନିକ ଓ ଜୈବିକ ଅସ୍ତ୍ର ବିକଶିତ କରିବା ଦିଗରେ ଉଦ୍ୟମ କରୁଥିବା ନେଇ ସୂଚନା ମିଳିଛି। ଏଭଳି ସୂଚନା ଥିବା ଦାବି କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଏହାରି ମଧ୍ୟରେ ଇରାନ ଉପରେ ପୁଣି ଏକ ବଡ଼ ଧରଣର ସାମରିକ ଆକ୍ରମଣ କରିବା ନେଇ ସେ ବିଚାର କରୁଥିବା ଖବର ମିଳିଛି। ଗୁରୁବାର ଚୀନର ସେନଜେନରେ ଫକ୍ସ ନ୍ୟୁଜକୁ ଏକ ସାକ୍ଷାତକାର ଦେଇ ଟ୍ରମ୍ପ ଏହି ମନ୍ତବ୍ୟ ଦେଇଛନ୍ତି। ଟ୍ରମ୍ପ କହିଥିଲେ, ଇରାନ ଗ୍ୟାସ୍ ଓ ଜୈବିକ ଅସ୍ତ୍ର ସମ୍ପର୍କରେ ବିଚାର କରୁଥିବାର ସୂଚନା ରହିଛି। ଆମେ ସେମାନଙ୍କୁ ପରମାଣୁ ଅସ୍ତ୍ର ଦିଗରେ ଆଗେଇବାରୁ ରୋକିଛୁ। ତେଣୁ ସେମାନେ ଅନ୍ୟ ବିକଳ୍ପ ଖୋଜୁଛନ୍ତି। ତେବେ ଏହି ଦାବି ସପକ୍ଷରେ ସେ କୌଣସି ଗୁଇନ୍ଦା ତଥ୍ୟ ବା ପ୍ରମାଣ ସାର୍ବଜନୀନ କରିନାହାନ୍ତି। ଜାନୁଆରି ୧ ପରେ ପରିସ୍ଥିତି କିଭଳି ରହିବ, ତାହା ଦେଖିବା ପରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

ମାଲେସିୟା ଯାଉଥିବା ଭାରତୀୟଙ୍କୁ ଝଟକା

ଏବେ ବିନା ଭିସାରେ ମିଳିବନି ଏଣ୍ଟ୍ରି

ନୂଆଦିଲ୍ଲୀ,୧୯।୧୧: ମାଲେସିୟା ଭ୍ରମଣରେ ଯିବାକୁ ଚାହୁଁଥିବା ଭାରତୀୟଙ୍କ ଲାଗି ବଡ଼ ଖବର। ନୂଆ ବର୍ଷ ଅର୍ଥାତ ୧ ଜାନୁୟାରୀ ୨୦୨୭ରୁ ଭାରତୀୟ ନାଗରିକଙ୍କୁ ମିଳୁଥିବା ଭିସା ମୁକ୍ତ ପ୍ରବେଶ ସୁବିଧା ମାଲେସିୟା ସମାପ୍ତ କରିବ। ଏହା ପରେ ଭାରତୀୟଙ୍କୁ ମାଲେସିୟା ଯାତ୍ରା ନିମନ୍ତେ ପ୍ରଥମେ ଭିସା ପ୍ରାପ୍ତ କରିବା ଅନିବାର୍ଯ୍ୟ ହେବ। ଏପର୍ଯ୍ୟନ୍ତ ଭାରତୀୟ ନାଗରିକ ବିନା ଭିସାରେ ମାଲେସିଆରେ ୩୦ ଦିନ ପର୍ଯ୍ୟନ୍ତ ରହି ପାରୁଥିଲେ। ଏହି ନିଷ୍ପତ୍ତି ଯୋଗୁ ମାଲେସିୟା ଯାଉଥିବା ଭାରତୀୟ ପର୍ଯ୍ୟଟକ ଓ ଅନ୍ୟ ଯାତ୍ରୀଙ୍କୁ ସେମାନଙ୍କ ଯାତ୍ରା ଯୋଜନା ନୂଆ ନିୟମ ଅନୁସାରେ ପ୍ରସ୍ତୁତ କରିବାକୁ ପଡିବ। ମାଲେସିୟା ଇମିଗ୍ରେସନ ବିଭାଗ (ଜେଆଇଏମ) ନଭେମ୍ବର ୧୭ରେ ଜାରି ଅଧିସୂଚନାରେ ଏହି ପରିବର୍ତ୍ତନର ସୂଚନା ଦେଇଛି। ଅଧିସୂଚନା ଅନୁସାରେ ୧ ଜାନୁୟାରୀ ୨୦୨୭ରୁ ମାଲେସିୟା ପ୍ରବେଶ କରୁଥିବା ଭାରତୀୟ ନାଗରିକଙ୍କୁ ଯାତ୍ରା ପୂର୍ବରୁ ଭିସା କରିବାକୁ ପଡିବ। ଏଥି ପାଇଁ ୧ ଡିସେମ୍ବର ୨୦୨୬ରୁ ‘ମାଇଁ ଭିସା’ ପୋର୍ଟାଲ ମାଧ୍ୟମରେ ଆବେଦନ ଜମା କରିପାରିବେ।

ଭାରତ ଅର୍ଥନୀତିରେ ଆଗେଇଛି, ସ୍ୱଚ୍ଛତାରେ ପଛରେ: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୧୯।୧୧: ଆର୍ଥିକ କ୍ଷେତ୍ରରେ ଭାରତ ଏବେ ଏକ ସମୃଦ୍ଧ ଦେଶ ହୋଇଥିଲେ ମଧ୍ୟ ସ୍ୱଚ୍ଛତା କ୍ଷେତ୍ରରେ ଏହାର ପ୍ରଦର୍ଶନ ଖରାପ ରହିଛି । ବର୍ଜ୍ୟ ପରିଚାଳନାରେ ଅବହେଳା ଯୋଗୁ ଅନ୍ୟ କ୍ଷେତ୍ରରେ ହାସଲ ହୋଇଥିବା ଅଭିବୃଦ୍ଧିର ଗୁରୁତ୍ୱ ହ୍ରାସ ପାଉଛି । ଏହା ସମାଜ ଓ ଦେଶର ଭାବମୂର୍ତ୍ତିକୁ ମଧ୍ୟ ପ୍ରଭାବିତ କରୁଛି ବୋଲି ସୁପ୍ରିମକୋର୍ଟ କହିଛନ୍ତି । ଦେଶରେ କଠିନ ବର୍ଜ୍ୟ ପରିଚାଳନା ନିୟମ (ଏସଡବ୍ଲ୍ୟୁଏମ୍)ର କାର୍ଯ୍ୟକାରିତା ସମୀକ୍ଷା କରିବା ସମୟରେ ଜଷ୍ଟିସ୍ ଏସଭିଏନ୍ ଭଟ୍ଟି ଓ ଜଷ୍ଟିସ୍ ଏନଭି ଅଞ୍ଜାରିଆଙ୍କ ଖଣ୍ଡପୀଠ ଏହି ମତ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ଭାରତରେ ଏହି ସମସ୍ୟାର ସମାଧାନ ପାଇଁ ଆବଶ୍ୟକ ସମ୍ବଳ ରହିଛି । କିନ୍ତୁ ସରକାରୀ କର୍ତ୍ତୃପକ୍ଷଙ୍କ ନିଷ୍ପାପର ଉଦ୍ୟମ ଓ ନାଗରିକଙ୍କ ସହଯୋଗର ଅଭାବ ଯୋଗୁ ଆଶାନୁରୂପ ଫଳ ମିଳୁନାହିଁ । ଜାତୀୟ ସବୁଜ ଟ୍ରିବ୍ୟୁନାଲ୍ (ଏନଜିଟି)ଙ୍କ ଆଦେଶ ଅନୁପାଳନ ସଂକ୍ରାନ୍ତ ଆବେଦନର ଶୁଣାଣି କରି ଖଣ୍ଡପୀଠ କହିଛନ୍ତି, ପରିବେଶ ସୁରକ୍ଷା ଆଇନ, ୧୯୮୬ ଏବଂ ୨୦୧୬ ଓ ୨୦୨୬ର ବର୍ଜ୍ୟ ପରିଚାଳନା ନିୟମ ଥିଲେ ମଧ୍ୟ ଏହାର ଉଦ୍ଦେଶ୍ୟ ପୂରଣ ହୋଇପାରୁନାହିଁ । ରାଜ୍ୟର ବିଭିନ୍ନ ବିଭାଗ ନିଜ ନିଜ ଢଙ୍ଗରେ କାମ କରୁଛନ୍ତି । ସୁଫଳ ପାଇଁ ସମସ୍ତ ବିଭାଗ ସହ ନାଗରିକଙ୍କ ମଧ୍ୟରେ ସମନ୍ୱୟ ରହିବା ଜରୁରି । ସୁପ୍ରିମକୋର୍ଟ ମନିଟରିଂ କମିଟି (ଏସସିଏମସି)ର ରିପୋର୍ଟରେ ଥିବା ତ୍ରୁଟି ଉପରେ ମଧ୍ୟ ଖଣ୍ଡପୀଠ ଉଦବେଗ ପ୍ରକାଶ କରିଛନ୍ତି। ପ୍ରାୟ ୪୦୦ ଜିଲ୍ଲାରେ ଜିଲ୍ଲାପାଳଙ୍କୁ ସହାୟତା କରିବା ପାଇଁ ସ୍ୱତନ୍ତ୍ର ପ୍ରକୋଷ୍ଠ ଗଠନ ହୋଇନାହିଁ । ୨୮ଟି ରାଜ୍ୟ ମଧ୍ୟରୁ ମାତ୍ର ୯ଟି ରାଜ୍ୟ ସହରାଞ୍ଚଳ ଉପନିୟମ ସମ୍ପର୍କିତ ଲକ୍ଷ୍ୟ ପୂରଣ କରିଛନ୍ତି । ୧୬ଟି ରାଜ୍ୟ ଗ୍ରାମାଞ୍ଚଳ ପାଇଁ ଉପନିୟମ ଲାଗୁ କରିବା ସମ୍ପର୍କରେ ତଥ୍ୟ ଦେଇନାହାନ୍ତି । ସେହିପରି ୧୮ଟି ରାଜ୍ୟ ଗ୍ରାମାଞ୍ଚଳରେ ଚାରି ପ୍ରକାରର ବର୍ଜ୍ୟ ପୃଥକୀକରଣ ସମ୍ପର୍କିତ ତଥ୍ୟ ଦାଖଲ କରିନାହାନ୍ତି । ଏହାର ତଦାରଖ ପାଇଁ ଜିଲ୍ଲାପାଳମାନେ ଡ୍ରୋନ୍ ସର୍ଭେ ଓ ଭିଡିଓ କଲ୍ ମାଧ୍ୟମରେ ବର୍ଜ୍ୟ ପରିଚାଳନା କେନ୍ଦ୍ରର ସ୍ଥିତି ଯାଞ୍ଚ କରିବେ । ପାଣ୍ଠି ଅଭାବ ଦର୍ଶାଇ ପୌରସଂସ୍ଥାଗୁଡ଼ିକ ସ୍ୱଚ୍ଛତା ଓ ଜନସ୍ୱାସ୍ଥ୍ୟ ରକ୍ଷା ଦାୟିତ୍ୱରୁ ଖସିପାରିବେ ନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି । ଏହାର ପରବର୍ତ୍ତୀ ଶୁଣାଣି ୨୦୨୭ ଜାନୁଆରି ୧୨ରେ ହେବ ।

ଜାତିସଂଘରେ ପାକିସ୍ତାନକୁ ଘେରିଲା ଭାରତ

ଟ୍ରମ୍ପଙ୍କୁ ମୁନିର ଖଣିଜ ପଥର ଭର୍ତ୍ତି ବାକ୍ସ ଦେଖାଇବା ଘଟଣାକୁ ନେଇ ନିଶାଣ



ନୂଆଦିଲ୍ଲୀ,୧୯।୧୧: ଜାତିସଂଘରେ ପୁଣିଥରେ ପାକିସ୍ତାନକୁ ଘେରିଛି ଭାରତ। ପାକିସ୍ତାନ ସେନା ଉପରେ ତୀବ୍ର ଆକ୍ରମଣ କରି ଭାରତ କହିଛି ଯେ, ସେନା ଦେଶର ପ୍ରାକୃତିକ ସମ୍ପଦକୁ ସାଧାରଣ ଲୋକଙ୍କ ହିତରେ ବ୍ୟବହାର ନକରି ନିଜସ୍ୱ ସ୍ୱାର୍ଥ ପାଇଁ ହଡ଼ପ କରୁଛି। ପ୍ରାକୃତିକ ସମ୍ପଦ ଉପରେ ଜାତିସଂଘ ଅଧିବେଶନରେ ଉଦ୍‌ବୋଧନ ଦେବା ସମୟରେ ଭାରତର ରାଷ୍ଟ୍ରଦୂତ ପର୍ବତାନେନି ହରୀଶ ପାକିସ୍ତାନ ସେନାମୁଖ୍ୟ ଅସୀମ ମୁନିରଙ୍କୁ ଟାର୍ଗେଟ୍ କରିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନାଁ ନନେଇ ସେ କହିଛନ୍ତି, ଗତ ସେପ୍ଟେମ୍ବରରେ ପାକିସ୍ତାନର ସେନାମୁଖ୍ୟ ଖଣିଜ ପଥର ଭର୍ତ୍ତି ଏକ କାଠବାକ୍ସ ବିଦେଶୀ ନେତାମାନଙ୍କୁ ଦେଖାଇଥିଲେ। ଏହା ପାକିସ୍ତାନର ପ୍ରାକୃତିକ ସମ୍ପଦ ଶୋଷଣରେ ସେନାର ପ୍ରତ୍ୟକ୍ଷ ଭୂମିକାକୁ ଦର୍ଶାଉଛି। ଉଲ୍ଲେଖଯୋଗ୍ୟ, ଗତବର୍ଷ ହ୍ୱାଇଟ୍ ହାଉସରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍ ଓ ପାକ୍ ସେନାମୁଖ୍ୟ ଅସୀମ ମୁନିରଙ୍କ ସାକ୍ଷାତ ହୋଇଥିଲା । ଏହି ସମୟରେ ମୁନିର କିଛି ବିରଳ ଖଣିଜ ପଦାର୍ଥ ଥିବା ଏକ କାଠବାକ୍ସ ଟ୍ରମ୍ପଙ୍କୁ ଦେଖାଇଥିଲେ। ଏହାର ଫଟୋ ହ୍ୱାଇଟ୍ ହାଉସ୍ ପକ୍ଷରୁ ଜାରି କରାଯାଇଥିଲା । ଏହି ଘଟଣାକୁ ଇଙ୍ଗିତ କରି ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ହରୀଶ ପାକ୍ ସେନା ମୁଖ୍ୟଙ୍କୁ ଟାର୍ଗେଟ୍ କରିଛନ୍

୧୬ ସାଇବର ଠକ ଗିରଫ, ୩ ମହିଳା ସାମିଲ

■ ପଶ୍ଚିମବଙ୍ଗ ଓ ଭୁବନେଶ୍ୱର ପୋଲିସର ମିଳିତ ଚଢ଼ାଉ ■ ୭ ଲାପଟପ୍, ୧୫ ମୋବାଇଲ ଓ ୨ କାର୍ ଜବତ



ଭୁବନେଶ୍ୱର(ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ ଏକ ଆନ୍ତଃରାଜ୍ୟ ସାଇବର ଠକେଇ ଗ୍ୟାଙ୍ଗର ପର୍ଦ୍ଦାଫାସ ହୋଇଛି। ପଶ୍ଚିମବଙ୍ଗ ପୋଲିସ ଓ ଭୁବନେଶ୍ୱର ସହରାଞ୍ଚଳ ପୋଲିସର ମିଳିତ ଚଢ଼ାଉରେ ୧୬ ଜଣ ସାଇବର ଠକଙ୍କୁ ଗିରଫ କରାଯାଇଛି। ଗିରଫଙ୍କ ମଧ୍ୟରେ ୩ ଜଣ ମହିଳା ଅଛନ୍ତି। ସମସ୍ତ ଅଭିଯୁକ୍ତ ପଶ୍ଚିମବଙ୍ଗର ବାସିନ୍ଦା ବୋଲି ଜଣାପଡ଼ିଛି। ସେମାନଙ୍କଠାରୁ ୭ଟି ଲାପଟପ୍, ୧୫ଟି ମୋବାଇଲ ଫୋନ୍ ଓ ୨ଟି କାର ଜବତ କରାଯାଇଛି। ସୂଚନା ଅନୁଯାୟୀ, ପଶ୍ଚିମବଙ୍ଗର ରାଜାରହାଟ ଥାନା ଅଞ୍ଚଳରେ ରହୁଥିବା ସୌମିତ୍ର ମଣ୍ଡଳଙ୍କ ମୋବାଇଲ ଫୋନ୍ ଗତ ୧୪ ମେ ୨୦୨୫ରେ ହଜିଯାଇଥିଲା। ଏହାପରେ ତାଙ୍କ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଓ ଆଇସିଆଇସିଆଇ ବ୍ୟାଙ୍କ ଆକାଉଣ୍ଟରୁ ବିନା ଅନୁମତିରେ ୩୨ଟି ସନ୍ଦେହଜନକ ଆର୍ଥିକ କାରବାର ହୋଇଥିଲା। ଏନେଇ ସେ ରାଜାରହାଟ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପଶ୍ଚିମବଙ୍ଗ ପୋଲିସ ରାଜାରହାଟ ଥାନା କେସ୍ ନଂ ୨୨୬/୨୦୨୫ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ମାମଲାର ତଦନ୍ତ କରୁଥିବା ପଶ୍ଚିମବଙ୍ଗ ପୋଲିସର ଏକ ଟିମ୍ ନଭେମ୍ବର ୧୮ ଓ ୧୯ ତାରିଖ ମଧ୍ୟବର୍ତ୍ତୀ ରାତି ପ୍ରାୟ ୧୨ଟା ୪୫ ମିନିଟ୍‌ରେ ଭୁବନେଶ୍ୱରର ପାହାଳ ଥାନାରେ ପହଞ୍ଚିଥିଲା। ସାଇବର ଠକେଇ ମାମଲାରେ ସଂପୃକ୍ତ ଅଭିଯୁକ୍ତଙ୍କୁ ଧରିବା ପାଇଁ ସ୍ଥାନୀୟ ପୋଲିସର ସହାୟତା ଲୋଡ଼ିଥିଲା। ଏହାପରେ ପାହାଳ ଥାନା ଓ ଭୁବନେଶ୍ୱର ପୋଲିସର ସହଯୋଗରେ ମିଳିତ ଚଢ଼ାଉ କରାଯାଇ ୧୬ ଜଣଙ୍କୁ କାବୁ କରାଯାଇଥିଲା। ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୁକ୍ତମାନେ ପ୍ରାୟ ଏକ ମାସ ହେବ ଉକ୍ତ ଅଞ୍ଚଳରେ ଏକ ଭଡ଼ା ଘରେ ରହୁଥିଲେ। ଏହି ଭଡ଼ା ଘରର ମାଲିକଙ୍କୁ ମଧ୍ୟ ପଶ୍ଚିମବଙ୍ଗ ପୋଲିସ ତଦନ୍ତ ପରିସରଭୁକ୍ତ କରିବ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ, ମୋବାଇଲ ଫୋନ୍ ହଜିଗଲେ ତୁରନ୍ତ ନିକଟସ୍ଥ ଥାନାରେ ଅଭିଯୋଗ କରିବା ସହ ସିମ୍ କାର୍ଡ ବ୍ଲକ୍ କରିବାକୁ ପୋଲିସ ପରାମର୍ଶ ଦେଇଛି। ମୋବାଇଲ ନମ୍ବର ବ୍ୟାଙ୍କ ଆକାଉଣ୍ଟ ସହ ସଂଯୁକ୍ତ ଥିଲେ, ତୁରନ୍ତ ବ୍ୟାଙ୍କରେ ପଞ୍ଜୀକୃତ ମୋବାଇଲ ନମ୍ବର ବଦଳାଇବା ଜରୁରୀ। ଏଥିସହ ମୋବାଇଲରେ ବ୍ୟାଙ୍କ ପାସୱାର୍ଡ ସେଭ୍ ନକରିବା ଏବଂ ୟୁପିଆଇ ଆପ୍ ପାଇଁ ଶକ୍ତିଶାଳୀ ପାସୱାର୍ଡ ବ୍ୟବହାର କରିବାକୁ କୁହାଯାଇଛି।

ଭିଜିଲାନ୍ସ ଜାଲରେ ଗୋଲାମୁଣ୍ଡା ତହସିଲଦାର

ଧର୍ମଗଡ଼/କଟକ(ନିପ୍ର): ସରକାରୀ କାର୍ଯ୍ୟାଳୟ ଲୋକଙ୍କ ସେବା ପାଇଁ, ନା ଲୋକଙ୍କ ପକେଟ୍‌କୁ ହାଲୁକା କରି ବାବୁଙ୍କ ପକେଟ୍ ଭାରୀ କରିବା ପାଇଁ? ଜମିର କିସମ ବଦଳାଇବାକୁ ଆବେଦନ କଲେ, ଫାଇଲ୍ ଆଗକୁ ବଢ଼ିବା ପରିବର୍ତ୍ତେ ଲାଞ୍ଚର ଲମ୍ବା ତାଲିକା ଆଗକୁ ଆସିଲା! ଶେଷରେ ୧୨ ହଜାର ଟଙ୍କାର ଲୋଭ ଦୁଇ ସରକାରୀ କର୍ମଚାରୀଙ୍କୁ ଭିଜିଲାନ୍ସ ଜାଲରେ ପକାଇଛି। କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ତହସିଲର ତହସିଲଦାର ତଥା ୨୦୨୦ ବ୍ୟାଚ୍‌ର ଓଏଏସ୍ ଅଧିକାରୀ ଚନ୍ଦନ କୁମାର ନାୟକ ଓ ତାଙ୍କ ଡ୍ରାଇଭର ପଙ୍କଜ ସିପକାଙ୍କୁ ଲାଞ୍ଚ ନେବା ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ଗିରଫ କରିଛି। ସୂଚନା ଅନୁଯାୟୀ, ଜଣେ ଆବେଦନକାରୀ ନିଜ କୃଷି ଜମିକୁ ଘରବାଡ଼ି କିସମରେ ପରିବର୍ତ୍ତନ କରିବା ସହ ସଂଶୋଧିତ ଜମିପଟ୍ଟା ବା ଆରଓଆର୍ ପାଇଁ ୨୨ ଅକ୍ଟୋବର ୨୦୨୬ରେ ଅନଲାଇନ୍‌ରେ ଆବେଦନ କରିଥିଲେ।



ନିୟମ ଅନୁସାରେ ରାଜସ୍ୱ ନିରୀକ୍ଷକ ମଧ୍ୟ ୨ ନଭେମ୍ବରରେ ତଦନ୍ତ ରିପୋର୍ଟ ଓ ଜମିର ନକ୍ସା ଦାଖଲ କରିସାରିଥିଲେ। ଅର୍ଥାତ୍ ସରକାରୀ କାଗଜପତ୍ରରେ କାମ ଆଗକୁ ବଢ଼ିବାକୁ ସବୁଜ ସଙ୍କେତ ମିଳିଥିଲା, ହେଲେ ଅଭିଯୋଗ ଅନୁସାରେ ତହସିଲଦାରଙ୍କ ଟେବୁଲରେ ଫାଇଲ୍‌କୁ ମିଳିଲା ଅଲଗା ନିୟମ! ଆବେଦନକାରୀଙ୍କ ଠାରୁ ଆରଓଆର୍ ପ୍ରଦାନ ପାଇଁ ନିଜ ପାଇଁ ୧୦ ହଜାର ଏବଂ ଡ୍ରାଇଭରଙ୍କ ପାଇଁ ଅତିରିକ୍ତ ୨ ହଜାର ଟଙ୍କା ଦାବି କରାଯାଇଥିବା ଅଭିଯୋଗ ହୋଇଥିଲା। ସରକାରୀ ଫି' କେତେ, ବାବୁଙ୍କ ଫି' କେତେ, ଏହି ହିସାବରେ ଅତିଷ୍ଠ ଆବେଦନକାରୀ ଶେଷରେ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ମୁତାବକ ୧୯ ନଭେମ୍ବରରେ ଭିଜିଲାନ୍ସ ଟିମ୍ ଜାଲ ବିଛାଇଥିଲା। ଡ୍ରାଇଭର ପଙ୍କଜ ସିପକାଙ୍କ ମାଧ୍ୟମରେ ତହସିଲଦାର ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ସମୟରେ ଉଭୟଙ୍କୁ କାବୁ କରାଯାଇଥିଲା। ସମ୍ପୂର୍ଣ୍ଣ ୧୨ ହଜାର ଟଙ୍କା ମଧ୍ୟ ଜବତ ହୋଇଛି। ଏବେ ତହସିଲଦାରଙ୍କ ସହ ଦୁଇଟି ସ୍ଥାନ ଏବଂ ଡ୍ରାଇଭରଙ୍କ ବାସଭବନରେ ଆୟବର୍ହିଭୂତ ସମ୍ପତ୍ତି ଖୋଜିବାକୁ ଭିଜିଲାନ୍ସର ତଲାସି ଅଭିଯାନ ଚାଲିଛି। କୋରାପୁଟ ଭିଜିଲାନ୍ସ ଥାନାରେ କେସ୍ ନ ନଂ ୨୬/୨୦୨୬ ରୁଜୁ ହୋଇ ଦୁର୍ନୀତି ନିବାରଣ ଆଇନ, ୨୦୧୮ର ଧାରା ୭ ଅନୁଯାୟୀ ମାମଲା ଚାଲିଛି। ଜନସେବାର ଶପଥ ନେଇଥିବା ବାବୁମାନେ ଯଦି ଫାଇଲ୍ ଚଳାଇବାକୁ ଟଙ୍କାର ଚକ ଖୋଜନ୍ତି, ତେବେ ଲୋକଙ୍କ ନ୍ୟାୟ କେଉଁଠି ମିଳିବ? ତେବେ ଏହି ୧ ଘଟଣାରେ ଅଭିଯୁକ୍ତମାନଙ୍କ ଦୋଷ ଅଦାଲତରେ ପ୍ରମାଣିତ ହେବା ବାକି ରହିଛି। ଭିଜିଲାନ୍ସ ତଦନ୍ତରେ ଆଗକୁ ଆଉ କେଉଁ କେଉଁ ରହସ୍ୟର ପରଦା ହଟୁଛି, ତାହା ଉପରେ ଏବେ ସମସ୍ତଙ୍କ ନଜର।

ଗ୍ୟାସ ସିଲିଣ୍ଡର ଚୋରି, ଧରାହେଲା ଅଭିଯୁକ୍ତ

ଭୁବନେଶ୍ୱର(ନି.ପ୍ର): ଘରେ ପଶି ଗ୍ୟାସ ସିଲିଣ୍ଡର ଚୋରି କରିବା ଅଭିଯୋଗରେ ନୂଆପଲ୍ଲୀ ଥାନା ପୋଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ବିକାଶ କୁମାର ରଣା। ପୋଲିସ ତା ବିରୋଧରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ଅଭିଯୋଗକାରୀ ସତ୍ୟ କୁମାର ଦାସଙ୍କ ଅଭିଯୋଗ କ୍ରମେ ନୟାପଲ୍ଲୀ ଥାନା ପୋଲିସ ମାମଲା ରୁଜୁକରି ତଦନ୍ତ କରିବା ସହିତ ଏହି ମାମଲାରେ ଅଭିଯୁକ୍ତ ବିକାଶ କୁମାର ରଣାଙ୍କୁ ଗିରଫ କରି କୋଟ ଚାଲାଣ କରିଛନ୍ତି। ସୂଚନଯୋଗ୍ୟ ଯେ, ଗତକାଲି ସକାଳ ପ୍ରାୟ ୧୧ଟା ସମୟରେ ନୟାପଲ୍ଲୀ ଥାନା ଅନ୍ତର୍ଗତ ଆଇଆରସି ଭିଲେଜ, ଏନ୍-୧/୧୪୫ ନମ୍ବର କ୍ୱାର୍ଟରରେ ଅଭିଯୋଗକାରୀ ସତ୍ୟ କୁମାର ଦାସ ଘରେ ଅନୁପସ୍ଥିତ ଥିବା ସମୟରେ ଅଭିଯୁକ୍ତ ବିକାଶ ରଣା ତାଙ୍କ ଘରୁ ଗୋଟିଏ ଘରୋଇ ଏଚ୍‌ପି ଗ୍ୟାସ୍ ସିଲିଣ୍ଡର ଚୋରି କରି ନେଇଥିଲେ। ଏନେଇ ଅଭିଯୋଗକାରୀ ନୟାପଲ୍ଲୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତଦନ୍ତ ସମୟରେ ପୋଲିସ ଅଭିଯୋଗକାରୀଙ୍କ ବୟାନ ରେକର୍ଡ କରିବା ସହ ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ କରିଥିଲା। ପୋଲିସକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା ଯେ, ସିଆରପି ଛକ ନିକଟସ୍ଥ ପିଡି ମାର୍କେଟ୍ ଅଞ୍ଚଳରେ ଜଣେ ବ୍ୟକ୍ତି ଘରୋଇ ଗ୍ୟାସ୍ ସିଲିଣ୍ଡର ବିକ୍ରି କରିବା ପାଇଁ ଗ୍ରାହକ ଖୋଜୁଛନ୍ତି। ଏହି ସୂଚନା ଆଧାରରେ ପୋଲିସ ଟିମ୍ ଉକ୍ତ ସ୍ଥାନରେ ପହଞ୍ଚି ଜଣେ ବ୍ୟକ୍ତିଙ୍କୁ ଗୋଟିଏ ଘରୋଇ ଏଚ୍‌ପି ଗ୍ୟାସ୍ ସିଲିଣ୍ଡର ସହ ଅଟକ ରଖିଥିଲା। ପଚରାଉଚରା ସମୟରେ ତାଙ୍କ ପରିଚୟ ବିକାଶ କୁମାର ରଣା ବୋଲି ଜଣାପଡ଼ିଥିଲା। ସାକ୍ଷୀମାନଙ୍କ ଉପସ୍ଥିତିରେ ଉକ୍ତ ସିଲିଣ୍ଡରଟି ନୟାପଲ୍ଲୀ ଆଇଆରସି ଭିଲେଜରୁ ଚୋରି କରିଥିବା ଜଣାଇଥିଲେ। ପୋଲିସ ତାଙ୍କ ନିକଟରୁ ଗୋଟିଏ ଚୋରି ହୋଇଥିବା ଏଚ୍‌ପି ଗ୍ୟାସ୍ ସିଲିଣ୍ଡର ଜବତ କରିଛି।

ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ଓ ବ୍ଲାକମେଲ, ଯୁବକ ଗିରଫ

ଭୁବନେଶ୍ୱର(ନି.ପ୍ର): ବିବାହର ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ସହ ଶାରିରୀକ ସମ୍ପର୍କ ରଖିବା ଓ ପରେ ବ ବ୍ଲାକମେଲ କରିବା ଅଭିଯୋଗରେ ମହିଳା ଥାନା ପୋଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ଶୁଭମ ବେହେରା ବୋଲି ଜଣାପଡିଛି। ପୋଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ଅଭିଯୋଗ ଅନୁଯାୟୀ, ଅଭିଯୋଗକାରିଣୀଙ୍କର ଅଭିଯୁକ୍ତ ଶୁଭମ ବେହେରାଙ୍କ ସହ ଗତ ୬/୭ ମାସ ଧରି ପ୍ରେମ ସଂପର୍କ ରହିଥିଲା। ଅଭିଯୁକ୍ତ ବିବାହର ପ୍ରତିଶ୍ରୁତି ଦେଇ ତାଙ୍କ ସହ ଏକାଧିକ ଥର ଖରାପ ସଂପର୍କ ରଖିଥିଲେ। ପରବର୍ତ୍ତୀ ସମୟରେ ଅଭିଯୁକ୍ତ ତାଙ୍କର ଅନ୍ତରଙ୍ଗ ଫଟୋ, ଭିଡିଓ ଓ କ୍ଲିପ୍‌ଗୁଡ଼ିକୁ ସାର୍ବଜନୀନ କରିଦେବାର ଧମକ ଦେଇଥିଲେ। ଏପରିକି ଏହି ସଂପର୍କ ବିଷୟରେ ଅନ୍ୟ କାହାକୁ ଜଣାଇଲେ ଜୀବନରୁ ମାରିଦେବାକୁ ମଧ୍ୟ ଧମକ ଦେଇଥିବା ଅଭିଯୋଗ ହୋଇଥିଲା। ଏହାଦ୍ୱାରା ଯୁବତୀ ମାନସିକ ଭାବେ ଚାପଗ୍ରସ୍ତ ହୋଇପଡ଼ିଥିଲେ। ଅନ୍ୟ କିଛି ଉପାୟ ନପାଇ ଅଭିଯୋଗକାରିଣୀ ଶେଷରେ ଭୁବନେଶ୍ୱର ମହିଳା ଥାନାର ଦ୍ୱାରସ୍ଥ ହୋଇଥିଲେ। ତଦନ୍ତ ସମୟରେ ପୋଲିସ ଘଟଣାସ୍ଥଳ ପରିଦର୍ଶନ କରିବା ସହ ପୀଡ଼ିତା ଓ ଅନ୍ୟ ସାକ୍ଷୀମାନଙ୍କ ବୟାନ ରେକର୍ଡ କରିଥିଲା । ତଦନ୍ତରୁ ଜଣାପଡ଼ିଥିଲା ଯେ, ଇନ୍‌ଷ୍ଟାଗ୍ରାମ୍ ମାଧ୍ୟମରେ ଫେବୃଆରୀ ୨୦୨୬ରୁ ଉଭୟଙ୍କ ମଧ୍ୟରେ ପରିଚୟ ଓ ପ୍ରେମ ସଂପର୍କ ଗଢ଼ିଉଠିଥିଲା । ଅଭିଯୁକ୍ତ ନିଜର ଭଡ଼ାଘର ଏବଂ ଖଣ୍ଡଗିରି ଓ ଜାଗମରା ଅଞ୍ଚଳର ବିଭିନ୍ନ ହୋଟେଲ୍‌ରେ ବିବାହର ପ୍ରତିଶ୍ରୁତି ଦେଇ ପୀଡ଼ିତାଙ୍କ ସହ ଜୁ-ସଂପର୍କ ରଖିଥିବା ତଦନ୍ତରୁ ଜଣାପଡ଼ିଥିଲା । ମାମଲାର ଅଧିକ ତଦନ୍ତ କାଳରେ ବିଶ୍ୱସ୍ତ ସୂତ୍ରରୁ ଆଧାରରେ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ କେନ୍ଦ୍ରାପଡ଼ା ଜିଲ୍ଲାର ରାଜକନିକା ଥାନା ଅଞ୍ଚଳରେ ଚଢ଼ାଉ କରି ଅଭିଯୁକ୍ତ ଶୁଭମ ବେହେରାଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିବା ବେଳେ, ତାଙ୍କ ଠାରୁ ତାଙ୍କର ମୋବାଇଲ୍ ଫୋନ୍ ଜବତ କରିଛି। ଏହି ଘଟଣାରେ ପୋଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି ।

କାର୍ ଧକ୍କାରେ ଯୁବକ ଗିରଫ, ଡ୍ରାଇଭର ଗିରଫ

ଭୁବନେଶ୍ୱର(ନି.ପ୍ର): କାର ଧକ୍କାରେ ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ବଳରାମ ବେହୁରା। ପୋଲିସ ମୃତ ଦେହ ଜବତ କରିବା ସହ ଦୁର୍ଘଟଣା ଘଟାଇଥିବା କାର ଚାଳକକୁ ଗିରଫ କରିଛି। ଗିରଫ କାର ଚାଳକ ଜଣକ ସୁନୀଲ କୁମାର ମଲ୍ଲିକ। ପୋଲିସ ଆଜି ତାକୁ କୋର୍ଟ ଚାଲାଣ କରିଛି। ସୂଚନଯୋଗ୍ୟ ଯେ, ତା.୧୯.୧୧.୨୦୨୬ ରିଖ ରାତି ପ୍ରାୟ ୧୨ଟା ୪୫ ମିନିଟ୍ ସମୟରେ ନୟାପଲ୍ଲୀ ଥାନା ପକ୍ଷରୁ ଅଭିଯୋଗକାରୀ ପର୍ଶୁରାମ ବେହୁରାଙ୍କୁ ଫୋନ୍ ଯୋଗେ ସୂଚନା ଦିଆଯାଇଥିଲା ଯେ, ତାଙ୍କ ପୁଅଙ୍କର ଭୁବନେଶ୍ୱରସ୍ଥିତ ସିଆରପି ଛକ ନିକଟରେ ଏକ ସଡ଼କ ଦୁର୍ଘଟଣା ଘଟିଛି ଏବଂ ତାଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଛି। ତାଙ୍କୁ ତୁରନ୍ତ ହସ୍ପିଟାଲରେ ପହଞ୍ଚିବାକୁ କୁହାଯାଇଥିଲା। ଖବରପାଇ ଅଭିଯୋଗକାରୀ ନିଜ ପରିବାର ସଦସ୍ୟ ଓ ଗ୍ରାମବାସୀଙ୍କ ସହ କ୍ୟାପିଟାଲ ହସ୍ପିଟାଲରେ ପହଞ୍ଚିଥିଲେ। ସେଠାରେ ତାଙ୍କ ପୁଅ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ମୃତ୍ୟୁବରଣ କରିଥିବା ଜାଣିବାକୁ ପାଇଥିଲେ।

ଘରୁ ଲୁଟ୍ ଲକର ପରିତ୍ୟକ୍ତ ନାଳରୁ ଉଦ୍ଧାର

ଭୁବନେଶ୍ୱର: ସୁନା ଅଳଙ୍କାର ଓ ଲକ୍ଷାଧିକ ଟଙ୍କା ନେଇଗଲା ଚୋର । ପାଣିରୁ ମିଳିଲା ଲୁଟ୍ ହୋଇଥିବା ଆଲମିରା ଲକର୍। ବାଲିଅନ୍ତା ଥାନା ସାଇ ବିନାୟକ ଭିଲା ନମ୍ବର ୮ରୁ ସୁନା ଅଳଙ୍କାର ସହ ଲକ୍ଷାଧିକ ଟଙ୍କା ଲୁଟିନେଇଥିଲେ ଦୁର୍ବୃତ୍ତ । ଘର ମାଲିକ କୋଲକାତାରେ ଥିବାବେଳେ ହୋଇଥିଲା ବଡ଼ ଧରଣର ଲୁଟ୍ । ଘରୋଇ ସହାୟିକା ଲୁଟ୍ ସମ୍ପର୍କରେ ଜାଣିବା ପରେ ମାଲିକଙ୍କୁ ଖବର ଦେଇଥିଲେ । ତେବେ ଏହାରି ଭିତରେ ଘର ନିକଟରୁ ମିଳିଛି ଲୁଟ୍ ହୋଇଥିବା ଲକର୍ । ଲକର୍ ଭିତରେ କିଛି ଜମି ପଟ୍ଟା ଥିବା ଦେଖିବାକୁ ମିଳିଛି । ଜଣେ ଚାଷୀ ବିଲକୁ ଯାଉଥିବା ବେଳେ ଏହି ଲକରଟିକୁ ଦେଖି ପୋଲିସକୁ ଖବର ଦେଇଛନ୍ତି । ଘର ନିକଟରେ ଥିବା ଏକ ପରିତ୍ୟକ୍ତ ନାଳରୁ ଏହି ଲକର୍ ମିଳିଛି । ଲୁଟ୍ ହୋଇଥିବା ସ୍ଥାନ ଓ ଲକର୍ ମିଳିଥିବା ସ୍ଥାନରେ ସ୍ଥାନୀୟ ପୋଲିସ ସହ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

କାଫେ ସାମ୍ନାରେ ଦେହରେ ନିଆଁ ଲଗାଇବା ଘଟଣା

ଚିକିତ୍ସାଧୀନ ଅବସ୍ଥାରେ ଯୁବତୀଙ୍କ ମୃତ୍ୟୁ, ପୁରୁଷ ବନ୍ଧୁ ଧରାପଡ଼ିଲା

ଭୁବନେଶ୍ୱର(ନି.ପ୍ର): ଇନ୍‌ଫୋସିଟି ଥାନା ପଥରଗାଡ଼ିଆସ୍ଥିତ ଏକ କାଫେ ନିକଟରେ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିଥିବା ଯୁବତୀ ଆଖି ବୁଜିଛନ୍ତି। ଚିକିତ୍ସାଧିନ ଅବସ୍ଥାରେ ଯୁବତୀ ମୃତ୍ୟୁବରଣ କରିଛନ୍ତି। ମୃତା ଯୁବତୀ ଜଣକ ଯାଜପୁର ଜିଲ୍ଲା ବଡଚଣା ଅଂଚଳର ଅଜିତ ସାମଲଙ୍କ ଝିଅ କଳ୍ପନା ସାମଲ (୨୧)। ପୋଲିସ ଶବ ଜବତ କରିବା ସହ ଅଭିଯୁକ୍ତ ପୁରୁଷ ବନ୍ଧୁକୁ ଗିରଫ କରିଛି। ଗିରଫ ଯୁବକ ଜଣକ ଅନୁଗୁଳ ଜିଲ୍ଲା ଗୋପାଳପ୍ରସାଦ ଥାନା ଅନ୍ତର୍ଗତ କଳମଛୁଇଁ ଅଞ୍ଚଳରେ ସୌମ୍ୟରଞ୍ଜନ ପ୍ରଧାନ। ତେବେ ପ୍ରେମ ସମ୍ପର୍କକୁ ନେଇ ଏଭଳି ଘଟଣା ଘଟିଥିବା ପୋଲିସ ତଦନ୍ତରୁ ଜଣାପଡିଛି। ପୋଲିସର ସୂଚନା ଅନୁଯାୟୀ, ମୃତା କଳ୍ପନା ସାମଲ ପୂର୍ବରୁ ସୌମ୍ୟରଞ୍ଜନଙ୍କ ସହ ସଂପର୍କରେ ଥିଲେ। ପ୍ରାୟ ଏକ ବର୍ଷ ପୂର୍ବେ ଉଭୟଙ୍କ ସଂପର୍କ ଭାଙ୍ଗି ଯାଇଥିଲା। ଏହାପରେ ଯୁବତୀ ଜଣକ ସୌମ୍ୟରଞ୍ଜନଙ୍କ ସଂପର୍କୀୟ ଭାଇ ଆଶୁତୋଷ ପ୍ରଧାନଙ୍କ ସହ ଘନିଷ୍ଠ ହୋଇଥିଲେ। ପରେ ସେ ଭୁବନେଶ୍ୱରର ସାଇ ପାରାଡାଇଜ୍ କଲୋନୀରେ ଥିବା ଆଶୁତୋଷଙ୍କ ଭଡ଼ା ଘରେ ରହୁଥିଲେ। ଏହାକୁ ସୌମ୍ୟରଞ୍ଜନ ପସନ୍ଦ କରୁନଥିଲେ। ଯୁବତୀଙ୍କୁ ବାରମ୍ବାର ଫୋନ୍ କରିବା ସହ ନିଜ ଆଶୁତୋଷକୁ ଛାଡ଼ି ଦେବା ଏବଂ ଭଡ଼ା ଘର ଖାଲି କରିବାକୁ ଧମକ ଦେଉଥିଲେ। ଏହାକୁ ନେଇ ବେଶ କିଛିଦିନ ହେଲା ଉଭୟଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ଗତ ୧୬ ନଭେମ୍ବରରେ ଆଶୁତୋଷ ଦୁର୍ଘଟଣାରେ ଆହତ ହୋଇ ଏକ ଘରୋଇ ହସ୍ପିଟାଲର ଆଇସିୟୁରେ ଭର୍ତ୍ତି ହୋଇଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ଜାଣିବା ପାଇଁ ୧୭ ନଭେମ୍ବରରେ ଯୁବତୀ ଜଣକ ସୌମ୍ୟରଞ୍ଜନଙ୍କୁ ଫୋନ୍ କରିଥିଲେ। ଏହି ସମୟରେ ଅଭିଯୁକ୍ତ ପୁଣି ତାଙ୍କୁ ଗାଳିଗୁଲଜ କରିବା ସହ ଘର ଛାଡ଼ିବା ଏବଂ ନିଜ ସଂପର୍କୀୟ ଭାଇଙ୍କଠାରୁ ଦୂରେଇ ରହିବାକୁ କହିଥିଲେ। ସୌମ୍ୟରଂଜନ ବାରମ୍ବାର ଚାପ ଦେବାରୁ କଳ୍ପନା ମାନସିକ ଭାରସାମ୍ୟ ହରାଇଥିଲେ। ଏହାପରେ ମାନସିକ ଚାପରେ ଥିବା ଯୁବତୀ ଜଣକ ରାତି ପ୍ରାୟ ୯ଟା ୩୫ ମିନିଟ୍‌ରେ ନିଜର ୧୮ବର୍ଷୀୟା ସଂପର୍କୀୟ ଭଉଣୀଙ୍କୁ ଫୋନ୍ କରି ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିବାକୁ ଯାଉଥିବା ଜଣାଇଥିଲେ। ଏହାର ମାତ୍ର ୬ ମିନିଟ୍ ପରେ ଅର୍ଥାତ୍ ରାତି ୯ଟା ୪୧ ମିନିଟ୍‌ରେ ସେ ନିଜ ଦେହରେ ନିଆଁ ଲଗାଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଏମ୍ସରେ ଭର୍ତ୍ତି କରାଯାଇଥିଲା। ୯୦ ପ୍ରତିଶତ ପୋଡ଼ି ଯାଇଥିବାରୁ ତାଙ୍କର ଚିକିତ୍ସା ଚାଲିଥିଲା। ମାତ୍ର ଗତ ୧୮ ତାରିଖ ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ୍ୟୁ ପରେ ପରିବାର ସଦସ୍ୟ ଓ ସଂପର୍କୀୟଙ୍କ ଉପସ୍ଥିତିରେ ପୋଲିସ ଶବର ପଞ୍ଚନାମା କରିଥିଲା। ଡାକ୍ତରୀ ଟିମ୍ ଦ୍ୱାରା ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି। ଅନ୍ୟପକ୍ଷରେ, ଘଟଣାସ୍ଥଳର ସିସିଟିଭି ଫୁଟେଜ୍, ସାକ୍ଷୀଙ୍କ ବୟାନ, ମୃତ୍ୟୁ ପୂର୍ବରୁ ଯୁବତୀ ଦେଇଥିବା ବୟାନ ଏବଂ ବୈଷୟିକ ତଥ୍ୟ ଆଧାରରେ ପୋଲିସ ତଦନ୍ତ କରିଥିଲା। ଏହାପରେ ସୌମ୍ୟରଞ୍ଜନ ପ୍ରଧାନଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତାର ଧାରା ୧୦୮ ଅନୁଯାୟୀ ମାମଲାର ପ୍ରାଥମିକ ପ୍ରମାଣ ମିଳିଥିବା ଦର୍ଶାଇ ତାଙ୍କୁ ଗିରଫ କରାଯାଇଛି।

ନାବାଳିକାକୁ ଯୌନ ନିର୍ଯାତନା: ବୃଦ୍ଧଙ୍କୁ ୫ ବର୍ଷ ଜେଲ୍

ଅନୁଗୋଳ: ନାବାଳିକାକୁ ଯୌନ ନିର୍ଯାତନା ମାମଲାରେ ଅନୁଗୋଳ ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ୭୩ ବର୍ଷୀୟ ଜଣେ ବୃଦ୍ଧଙ୍କୁ ୫ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ସୂଚନା ଅନୁସାରେ, ୨୦୧୯ ମସିହା ଏପ୍ରିଲ ୮ ତାରିଖରେ ନିଶା ଶିକ୍ଷାଞ୍ଚଳ ଥାନା ଅଞ୍ଚଳର ଅଭିଯୁକ୍ତ ନାଥ ନାଏକ ଜଣେ ୧୩ ବର୍ଷୀୟା ନାବାଳିକାଙ୍କୁ ଏକୁଟିଆ ପାଇ ଚକୋଲେଟ୍ ଦେବାର ପ୍ରଲୋଭନ ଦେଖାଇ ନିକ

ବାତ୍ୟା 'ଅକଓ୍ୱାନ' ପାଇଁ ପୂର୍ବତଟ ରେଳପଥର ପ୍ରସ୍ତୁତି

ବାତିଲ ହେଲା ୩୯ ଟ୍ରେନ୍

ଭୁବନେଶ୍ୱର, ୧୯/୧୧(ପିଆଇବି): ବାତ୍ୟା 'ଅକଓ୍ୱାନ' ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ୩୯ଟି ଯାତ୍ରୀବାହୀ ଟ୍ରେନ୍ ବାତିଲ କରାଯାଇଛି। ପୂର୍ବତଟ ରେଳପଥ ପକ୍ଷରୁ ୨୦୨୬ ନଭେମ୍ବର ୧୯ରୁ ୨୧ ତାରିଖ ପର୍ଯ୍ୟନ୍ତ ପର୍ଯ୍ୟାୟକ୍ରମେ ୩୯ ଟ୍ରେନ୍ ବାତିଲ କରାଯାଇଛି। ସେହିପରି କିଛି ଟ୍ରେନ୍‌ର ଯାତ୍ରା ସେବାରେ ସମୟ ପରିବର୍ତ୍ତନ କରାଯାଇଛି। ଯାତ୍ରୀ ଏବଂ ରେଳବାଇର ସଂପତ୍ତିକୁ ଦୃଷ୍ଟିରେ ରଖି ପୂର୍ବତଟ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। ବାତ୍ୟା ଏବଂ ବର୍ଷାକୁ ଦୃଷ୍ଟିରେ ରଖି ୨୦୨୬ ନଭେମ୍ବର ୨୦ରେ ପୁରୀ-ତାଳଚେର ମେମୁ, ବାଙ୍ଗିରିପୋଷି-ପୁରୀ ଇଣ୍ଟରସିଟି ଏକ୍ସପ୍ରେସ୍, ପୁରୀ-ବାଙ୍ଗିରିପୋଷି ଇଣ୍ଟରସିଟି ଏକ୍ସପ୍ରେସ୍, ଜଳେଶ୍ୱର-ପୁରୀ ମେମୁ, ପୁରୀ-ଜଳେଶ୍ୱର ମେମୁ, ହାଓଡ଼ା-ପୁରୀ ବନ୍ଦେ ଭାରତ ଏକ୍ସପ୍ରେସ୍, ପୁରୀ-ହାଓ୍ୱଡ଼ା ବନ୍ଦେ ଭାରତ ଏକ୍ସପ୍ରେସ୍, ଟାଟାନଗର-ବ୍ରହ୍ମପୁର ବନ୍ଦେ ଭାରତ ଏକ୍ସପ୍ରେସ୍, ବ୍ରହ୍ମପୁର-ଟାଟାନଗର ବନ୍ଦେ ଭାରତ ଏକ୍ସପ୍ରେସ୍, ପୁରୀ-ଖୋରଧା ମେମୁ, ଖୋରଧାରୋଡ-ପୁରୀ ମେମୁ, ପୁରୀ-ଖୋରଧା ମେମୁ, ଦଶପଲ୍ଲା-ପୁରୀ ମେମୁ, ପୁରୀ ଦଶପଲ୍ଲା ମେମୁ, ଅନୁଗୋଳ-ପୁରୀ ମେମୁ, ପୁରୀ-ଅନୁଗୋଳ ମେମୁ, ତାଳଚେର-ପୁରୀ ମେମୁ, ଖୋରଧାରୋଡ-ପୁରୀ ମେମୁ, ପୁରୀ-ଗୁଣୁପୁର ଏକ୍ସପ୍ରେସ୍, ଗୁଣୁପୁର-ପୁରୀ ଏକ୍ସପ୍ରେସ୍, ଭୁବନେଶ୍ୱର-ବ୍ରହ୍ମପୁର ମେମୁ, ବ୍ରହ୍ମପୁର-ଭୁବନେଶ୍ୱର ମେମୁ, ବ୍ରହ୍ମପୁର-ବିଶାଖାପାଟଣା ପାସେଞ୍ଜର, ପୁରୀ-ଜଂଜପୁର ଏକ୍ସପ୍ରେସ୍, ପଲାସା-କଟକ ମେମୁ, କଟକ-ପଲାସା ମେମୁ, କଟକ-ଗୁଣପୁର ମେମୁ, ଗୁଣପୁର-କଟକ ମେମୁ, ପଲାସା-ଭୁବନେଶ୍ୱର ମେମୁ, ଭୁବନେଶ୍ୱର-ପଲାସା ମେମୁ, ଭୁବନେଶ୍ୱର-ବିଶାଖାପାଟଣା ବନ୍ଦେ ଭାରତ ଏକ୍ସପ୍ରେସ୍, ବିଶାଖାପାଟଣା-ବନ୍ଦେ ଭାରତ ଏକ୍ସପ୍ରେସ୍, ଭୁବନେଶ୍ୱର-ନ୍ୟୁ ଠାରୁ ବିଶାଖାପାଟଣା ଇଣ୍ଟରସିଟି ଏବଂ ବିଶାଖାପାଟଣା ଠାରୁ ଭୁବନେଶ୍ୱର ନ୍ୟୁ ଇଣ୍ଟରସିଟି ବାତିଲ କରାଯାଇଛି।









ଭୁବନେଶ୍ୱର: ବାତ୍ୟା ଅକଓ୍ୱାନ ପୂର୍ବରୁ ରାଜଧାନୀରେ ବର୍ଷା ଜାରି... (ଫଟୋ-ଦିନଲିପି)

ଏମ୍‌ଟି ୟୁନିଟି ଜାହାଜକୁ ଗିରଫଦାରି ପାଇଁ ନିର୍ଦ୍ଦେଶ

କଟକ,୧୯।୧୧(ନିପ୍ର): ପାରାଦୀପ ବନ୍ଦରରେ ଏମ୍‌ଟି ୟୁନିଟି (ଆଇଏମଓ ୯୩୮୮୭୯୨) ଜାହାଜକୁ ଆରେଷ୍ଟ (ଗିରଫଦାରି)କରିବାକୁ ହାଇକୋର୍ଟ ଦୁଇଟି ମାମଲାରେ ନିର୍ଦ୍ଦେଶ ଦେଇଛନ୍ତି। ଇଷ୍ଟ୍ୟାଗିନ୍ ଇଭେଜେନି ଓ ଅନ୍ୟ ୨୦ଜଣ ଜାହାଜ ଚାଳକ ଦଳ ସଦସ୍ୟଙ୍କ ତରଫରୁ ବକେୟା ଚୁକ୍ତିଭିତ୍ତିକ ବେତନ ଓ କାର୍ଯ୍ୟରେ ଯୋଗ ଦେବା ପୂର୍ବର ଖର୍ଚ୍ଚ ବାବଦ ଅର୍ଥ ଦାବି କରି ଦାୟର ଏକ ସାମୁଦ୍ରିକ ବିବାଦ ମାମଲା ଦାୟର ହୋଇଛି। ସେହିଭଳି ଭାବେ ଜାହାଜକୁ ଯୋଗାଇ ଦିଆଯାଇଥିବା ସାମଗ୍ରୀ ଓ ଚାଳକ ଦଳ ସଦସ୍ୟଙ୍କୁ ପ୍ରଦାନ କରାଯାଇଥିବା ଦରମା ବାବଦ ଅର୍ଥ ଦାବି କରି ସୋଗଲାସି ଇନସ୍ୟୁରାନ୍ସ କମ୍ପାନି ଲିମିଟେଡ ପକ୍ଷରୁ ସାମୁଦ୍ରିକ ବିବାଦ ସଂପର୍କିତ ଆଉ ଏକ ଆବେଦନ ଦାୟର ହୋଇଛି। ଉଭୟ ମାମଲାର ହାଇକୋର୍ଟ ଶୁଣାଣି କରି ପାରାଦୀପ ବନ୍ଦରରେ ଏମ୍‌ଟି ୟୁନିଟି (ଆଇଏମଓ ୯୩୮୮୭୯୨) ଜାହାଜକୁ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟ ପକ୍ଷରେ ଏ ସଂକ୍ରାନ୍ତ ମୂଳ ସାମୁଦ୍ରିକ ବିବାଦ ମାମଲାରେ ପ୍ରତିପକ୍ଷ ଏମଟି ୟୁନିଟି (ଆଇଏମଓ ୯୩୮୮୭୯୨) ଓ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କୁ ହାଇକୋର୍ଟ ନୋଟିସ ଜାରି କରିଛନ୍ତି। ଜଷ୍ଟିସ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଦୁଇ ମୂଳ ଆବେଦନ ଓ ମଧ୍ୟବର୍ତ୍ତିକାଳୀନ ଦୁଇ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ୨୦୨୬, ଜାନୁଆରି ୧୧କୁ ଦୁଇ ମାମଲାର ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରାଯାଇଛି।



ବାତ୍ୟା ଅକଓ୍ୱାନ ପାଇଁ ବାଲିପାଟଣା ଅଞ୍ଚଳରେ ବିପଦପୂର୍ଣ୍ଣ ବାସିନ୍ଦାଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ତୁରନ୍ତ ସହାୟତା ଯୋଗାଇବା ଉଦ୍ଦେଶ୍ୟରେ ସିପି ଡ. ଏସ୍. ଦେବ ଦତ୍ତ ସିଂହ ଓ ଅନ୍ୟ ଅଧିକାରୀଙ୍କ ପରିଦର୍ଶନ (ଫଟୋ-ଦିନଲିପି)

ଅକଓ୍ୱାନ୍ ମୁକାବିଲା ପାଇଁ ପ୍ରସ୍ତୁତି ଜୋର୍‌ଦାର

ବୁଗୁଡ଼ା, ୧୯/୧୧(ନିପ୍ର): ସମ୍ଭାବ୍ୟ ବାତ୍ୟା 'ଅକଓ୍ୱାନ' ମୁକାବିଲା ପାଇଁ ବୁଗୁଡ଼ା ବ୍ଲକ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଛି। ବୁଧବାର ସୁଦ୍ଧା ବ୍ଲକର ୧୬ଟି ଆଶ୍ରୟସ୍ଥଳରେ ୨୧୯୮ ଜଣଙ୍କୁ ସୁରକ୍ଷିତ ସ୍ଥାନାନ୍ତର କରାଯାଇଛି। ସେମାନଙ୍କୁ ରନ୍ଧା ଖାଦ୍ୟ ଓ ଆବଶ୍ୟକୀୟ ସୁବିଧା ଯୋଗାଇ ଦିଆଯାଉଛି। ବିଡିଓ ଦୁତିକୃଷ୍ଣ ପାତ୍ରଙ୍କ ଅଧ୍ୟକ୍ଷତାରେ ବାତ୍ୟା ମୁକାବିଲା ଓ ଉଦ୍ଧାର କାର୍ଯ୍ୟ ନେଇ ବୈଠକ ହୋଇଥିଲା। ବ୍ଲକ ନୋଡାଲ ଅଧିକାରୀ ବସନ୍ତ କୁମାର ସେଠୀ ବିଭିନ୍ନ ଆଶ୍ରୟସ୍ଥଳ ପରିଦର୍ଶନ କରି ବ୍ୟବସ୍ଥା ଯାଞ୍ଚ କରିଥିଲେ। ଡାକବାଜି ଯନ୍ତ୍ରରେ ଲୋକଙ୍କୁ ସଚେତନ କରାଯାଇ ପ୍ରଶାସନର ନିର୍ଦ୍ଦେଶ ମାନିବାକୁ ପରାମର୍ଶ ଦିଆଯାଉଛି।

କଣ୍ଟିଲୋ: ବାତ୍ୟା 'ଅକଓ୍ୱାନ'ର ମୁକାବିଲା ପାଇଁ ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଖଣ୍ଡପଡା ବ୍ଲକ ପ୍ରଶାସନ ପକ୍ଷରୁ ପୂର୍ବ ପ୍ରସ୍ତୁତି ହୋଇଛି। ବିଧାୟକ ଦୁଷ୍ମନ୍ତ ସ୍ୱାଇଁଙ୍କ ସମେତ ବିଡିଓ ଅଙ୍କୁର ଅଭିଳାଷ, ତହସିଲଦାର ବିଶ୍ୱ ବିଶ୍ରୁତ ତ୍ରିପାଠୀ, ଆଇଆଇସି କୃତିବାସ ହରିଚନ୍ଦନ ପ୍ରମୁଖ ଆଜି କଣ୍ଟିଲୋଠାରେ ଥିବା ବାତ୍ୟା ଆଶ୍ରୟସ୍ଥଳୀ ସ୍ଥିତି ପରିଦର୍ଶନ କରିଥିଲେ। ବାତ୍ୟା ବିପଦ ପାଇଁ ପ୍ରଶାସନ ସଜାଗ ଥିବା ତଥା ବିପନ୍ନଙ୍କ ପାଇଁ ଆଶ୍ରୟସ୍ଥଳୀଗୁଡ଼ିକ ପ୍ରସ୍ତୁତ ରଖିବା ଏବଂ ଆବଶ୍ୟକ ସ୍ଥଳେ ରନ୍ଧା ଖାଦ୍ୟ ଯୋଗାଇ ଦିଆଯିବ ବୋଲି ବିଡିଓ କହିଛନ୍ତି।

ଚାରିଛକ: ସମ୍ଭାବ୍ୟ ବାତ୍ୟା 'ଅକଭାନ'କୁ ନେଇ ପୁରୀ ଜିଲ୍ଲାରେ ସତର୍କତା ଜାରି ହୋଇଛି। ଏହାକୁ ଦୃଷ୍ଟିରେ ରଖି ନିମାପଡ଼ା ବ୍ଲକର ଚାରିଛକ ଅଞ୍ଚଳର ବିଭିନ୍ନ ପଞ୍ଚାୟତରେ ବିଦ୍ୟାଳୟଗୁଡ଼ିକୁ ଅସ୍ଥାୟୀ ଆଶ୍ରୟସ୍ଥଳ ଭାବେ ପ୍ରସ୍ତୁତ କରାଯାଇଛି। ବାହାରଣା ପଞ୍ଚାୟତର ନୀଳମଣି ସ୍ମୃତି ବିଦ୍ୟାପୀଠରେ ୨୦୦ରୁ ଊର୍ଦ୍ଧ୍ୱ ଲୋକ ଗୃହପାଳିତ ପଶୁଙ୍କ ସହ ଆଶ୍ରୟ ନେଇଛନ୍ତି। ସେମାନଙ୍କୁ ଖାଦ୍ୟ ଯୋଗାଇ ଦିଆଯାଇଛି। ନିମାପଡ଼ା ବ୍ଲକ ସାଂସଦ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା ଆଶ୍ରୟସ୍ଥଳ ପରିଦର୍ଶନ କରି ଲୋକଙ୍କ ସମସ୍ୟା ବୁଝିଥିଲେ। ପଞ୍ଚାୟତ ପିଇଓ ପ୍ରିୟଙ୍କା ପ୍ରିୟଦର୍ଶିନୀ ସିଂ, କଲ୍ୟାଣ ସମ୍ପ୍ରସାରଣ ଅଧିକାରୀ ରଜତ କୁମାର ସାହୁ, ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ସ୍ୱାଇଁଙ୍କ ସମେତ ଶିକ୍ଷକ ଓ ସ୍ଥାନୀୟ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ।

ରାୟଗଡ଼ା: ବାତ୍ୟା 'ଆକଭାନ'ର ପ୍ରଭାବ ରାୟଗଡ଼ା ଜିଲ୍ଲାରେ ବର୍ତ୍ତମାନ ସାମାନ୍ୟ ରହିଛି। ଜିଲ୍ଲାରେ ଝିପିଝିପି ବର୍ଷା, ଘନ କୁହୁଡ଼ି ଓ ମେଘୁଆ ପାଗ ଲାଗି ରହିଛି। ପବନର ବେଗ ମଧ୍ୟ କମ୍ ରହିଛି। ତେବେ ପ୍ରବଳ ବର୍ଷା ହେଲେ ଜିଲ୍ଲାର ଗୁମ୍ମା ଓ କୈଳାସକଟା ଘାଟିରେ ଭୂସ୍ଖଳନ ଆଶଙ୍କା ରହିଛି। ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ଦକ୍ଷିଣ ଓଡ଼ିଶାର ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରି ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ପାହାଡ଼ରୁ ମାଟି ଓ ବଡ଼ ବଡ଼ ପଥର ଖସି ରାସ୍ତା ଅବରୋଧ ହେବା ସହ ଯାତାୟାତ ବାଧାପ୍ରାପ୍ତ ହୋଇପାରେ।

ପିପିଲି: ସମ୍ଭାବ୍ୟ ବାତ୍ୟା 'ଅକଓ୍ୱାନ'ର ମୁକାବିଲା ପାଇଁ ପିପିଲି ବ୍ଲକ ମୁଖ୍ୟାଳୟରେ ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ହୋଇଥିଲା। ଏଥିରେ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ଡେଲାଙ୍ଗ-ପିପିଲି ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ପଞ୍ଚାୟତ ଓ ପିପିଲି ଏନ୍‌ଏସି ଅଞ୍ଚଳର ବିଦ୍ୟାଳୟ ଏବଂ ବାତ୍ୟା ଆଶ୍ରୟସ୍ଥଳରେ ରହୁଥିବା ଲୋକଙ୍କ ରହଣି ଓ ଖାଦ୍ୟ ବ୍ୟବସ୍ଥା ସମ୍ପର୍କରେ ବିଧାୟକ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ।

ଭଦ୍ରକ: ସମ୍ଭାବ୍ୟ ବାତ୍ୟା 'ଅକଓ୍ୱାନ' ଓ ଲଗାଣ ବର୍ଷା ଯୋଗୁଁ ବୈତରଣୀ ନଦୀର ଜଳସ୍ତର ବୃଦ୍ଧି ଆଶଙ୍କା ଥିବାରୁ ଭଣ୍ଡାରିପୋଖରୀ ଅଞ୍ଚଳରେ ବନ୍ୟା, ଜଳବନ୍ଦୀ ଓ ଯୋଗାଯୋଗ ବିଚ୍ଛିନ୍ନ ହେବାର ଆଶଙ୍କା ଦେଖାଦେଇଛି। ଏହି ପରିସ୍ଥିତିରେ ଜନସାଧାରଣଙ୍କ ସୁରକ୍ଷା ପାଇଁ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ବିଧାନସଭା ପରିସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଭେଟିଛନ୍ତି। ଏହି ଅବସରରେ ସେ ପ୍ରଭାବିତ ଅଞ୍ଚଳରେ ଜରୁରୀକାଳୀନ ଉଦ୍ଧାର ବ୍ୟବସ୍ଥା, ଆବଶ୍ୟକ ସରକାରୀ ସହାୟତା ଓ ରିଲିଫ୍ ଯୋଗାଣ ସୁନିଶ୍ଚିତ କରିବାକୁ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

କାକଟପୁର: ସମ୍ଭାବ୍ୟ ବାତ୍ୟାର ମୁକାବିଲା ଓ ଜନସାଧାରଣଙ୍କ ଧନଜୀବନ ସୁରକ୍ଷା ପାଇଁ କାକଟପୁର ବ୍ଲକ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ବ୍ଲକର ୧୬ଟି ପଞ୍ଚାୟତରେ ୮ଟି ସ୍ଥାୟୀ ଓ ୯ଟି ଅସ୍ଥାୟୀ ସାଇକ୍ଲୋନ୍ ସେଣ୍ଟର ପ୍ରସ୍ତୁତ ରଖାଯାଇଥିବା ବେଳେ ୧୯୪୯ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ସେମାନଙ୍କ ପାଇଁ ଶୁଖିଲା ଓ ରନ୍ଧା ଖାଦ୍ୟ ବଣ୍ଟନର ବ୍ୟବସ୍ଥା ହୋଇଛି। ଆଶ୍ରୟସ୍ଥଳୀରେ ବିଦ୍ୟୁତ୍ ବିଭ୍ରାଟର ମୁକାବିଲା ପାଇଁ ୫ଟି ଡିଜି ସେଟ୍, ପାନୀୟ ଜଳ ଯୋଗାଣ ନିମନ୍ତେ ୧୦ଟି ଟ୍ୟାଙ୍କର ଓ ୨୦ ହଜାର ଲିଟର ଜଳ ମହଜୁଦ ରଖାଯାଇଛି। ପରିମଳ, ଆଲୋକୀକରଣ ଓ ଅନ୍ୟାନ୍ୟ ମୌଳିକ ସୁବିଧାର ମଧ୍ୟ ତଦାରଖ କରାଯାଉଛି। ଡାକବାଜି ଯନ୍ତ୍ର ମାଧ୍ୟମରେ ଗ୍ରାମାଞ୍ଚଳରେ ସତର୍କ ସୂଚନା ଦିଆଯାଇ ଲୋକଙ୍କୁ ସଚେତନ କରାଯାଇଛି।

ଆସିକା: ଅକଓ୍ୱାନ ବାତ୍ୟା ମୁକାବିଲା ଓ ଜନସାଧାରଣଙ୍କ ସୁରକ୍ଷା ପାଇଁ ଆସିକା ପୌରପରିଷଦ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଛି। ବିପଦସଂକୁଳ ଅଞ୍ଚଳରୁ ଲୋକଙ୍କୁ ଉଦ୍ଧାର କରାଯାଇ ୭ଟି ଆଶ୍ରୟସ୍ଥଳୀରେ ରଖାଯାଇଛି। ଆଜି ସୁଦ୍ଧା ମୋଟ ୩୬୪୦ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଆଶ୍ରୟ ନେଇଥିବା ଲୋକଙ୍କ ପାଇଁ ରହଣି, ପାନୀୟ ଜଳ ଓ ରନ୍ଧା ଖାଦ୍ୟର ବ୍ୟବସ୍ଥା କରାଯାଇଛି। ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ବିଭିନ୍ନ ଆଶ୍ରୟସ୍ଥଳୀ ପରିଦର୍ଶନ କରି ବ୍ୟବସ୍ଥାର ତଦାରଖ କରିଥିଲେ। ଆଶ୍ରୟ ନେଇଥିବା ଲୋକଙ୍କୁ ସମସ୍ତ ଆବଶ୍ୟକ ସୁବିଧା ଯୋଗାଇବା ସହ ବାତ୍ୟା ସମୟରେ ସତର୍କ ରହିବାକୁ ପ୍ରଶାସନ ଗୁରୁତ୍ୱ ଦେଇଛି।

ନିରାକାରପୁର: ସମ୍ଭାବ୍ୟ ବାତ୍ୟା 'ଅକଓ୍ୱାନ'କୁ ଦୃଷ୍ଟିରେ ରଖି ବିପନ୍ନଙ୍କ ସହାୟତା ପାଇଁ ଆଗେଇ ଆସିଛି ଖୋର୍ଦ୍ଧା ବ୍ଲକର କଂପୁର ପଞ୍ଚାୟତ। ଗୁରୁବାର ସକାଳ ଓ ରାତିରେ ମଳିପଡ଼ା-କଂପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ଲୋକଙ୍କୁ ରନ୍ଧା ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିବା ବେଳେ ରାତିରେ ମହମବତୀ ମଧ୍ୟ ପ୍ରଦାନ କରାଯାଇଥିଲା। ଏଥିସହ ବାତ୍ୟା ଆଶଙ୍କା ଥିବା ଅଞ୍ଚଳର ଲୋକଙ୍କୁ ସୁରକ୍ଷିତ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରି ଖାଦ୍ୟପେୟ ବ୍ୟବସ୍ଥା କରାଯାଇଛି।



ଆସିକାବାସୀଙ୍କ ମନରେ ଛନକା

ଆସିକା, ୧୯।୧୧(ନିପ୍ର) : ବାତ୍ୟା ଅକଓ୍ୱାନକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲ୍ଲା ଆସିକା ବ୍ଲକର ବିଭିନ୍ନ ତଳିଆ ଓ ନଦୀକୂଳିଆ ଅଞ୍ଚଳର ଲୋକଙ୍କୁ ପ୍ରଶାସନ ପକ୍ଷରୁ ସୁରକ୍ଷିତ ଭାବେ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଥିଲା । ଗୁଣ୍ଡପଡ଼ା ପଞ୍ଚାୟତ ଅନ୍ତର୍ଗତ ଜଗଦଳପୁର ଉଚ୍ଚ ବିଦ୍ୟାଳୟରେ ଖୋଲା ଯାଇଥିବା ବାତ୍ୟା ଆଶ୍ରୟସ୍ଥଳୀରେ ୨୮ ଜଣଙ୍କୁ ରଖାଯାଇଥିଲା। ଏହି ଆଶ୍ରୟସ୍ଥଳୀରେ ଥିବା ଗଙ୍ଗାପୁର ଗ୍ରାମର ୫୫ ବର୍ଷୀୟ ରାମ ପୋଲେଇ ଓ ମାଗୁରାପଲ୍ଲୀ ଗ୍ରାମର ବୃଦ୍ଧା ବନବାସୀ ବେହେରା (୭୫)ଙ୍କ ସ୍ୱାସ୍ଥ୍ୟବସ୍ଥା ଅସୁସ୍ଥ ହୋଇପଡ଼ିବାରୁ ସେମାନଙ୍କୁ ମେଡିକାଲ ସ୍ଥାନାନ୍ତର କରିବା ପାଇଁ ଏଏନଏମ୍‌ଙ୍କ ପକ୍ଷରୁ ଆମ୍ବୁଲାନ୍ସ ଡକାଯାଇଥିଲା। ଆମ୍ବୁଲାନ୍ସ ପହଞ୍ଚିବା ପରେ ଦୁଇ ରୋଗୀଙ୍କୁ ନେଇ ମେଡିକାଲ ଅଭିମୁଖେ ଯାଉଥିବା ବେଳେ ହଠାତ୍ ଗାଡ଼ିଟି ବନ୍ଦ ହୋଇଯାଇଥିଲା। ଫଳରେ ପ୍ରାୟ ୧୫ ମିନିଟ୍ ଧରି ଆମ୍ବୁଲାନ୍ସଟି ଅଟକି ରହିଥିଲା। ଶେଷରେ ଗାଡ଼ିକୁ ପଛପଟୁ ଠେଲିବା ପରେ ଏହା ପୁନର୍ବାର ଷ୍ଟାର୍ଟ ହୋଇଥିଲା। ଜରୁରୀକାଳୀନ ସମୟରେ ରୋଗୀଙ୍କୁ ତୁରନ୍ତ ଚିକିତ୍ସାଳୟରେ ପହଞ୍ଚାଇବା ପରିବର୍ତ୍ତେ ଆମ୍ବୁଲାନ୍ସ ନିଜେ ଅଚଳ ହୋଇପଡ଼ିବା ଘଟଣା ସାଧାରଣରେ ଉଦ୍‌ବେଗ ସୃଷ୍ଟି କରିଛି। ଗଞ୍ଜାମ ଉପକୂଳରେ ଲ୍ୟାଣ୍ଡଫଲ କରିବା ନିଶ୍ଚିତ ହେବାପରେ ଆସିକାବାସୀଙ୍କ ମନରେ ଛନକା ପଶିଛି। ଗତ ଅର୍ଦ୍ଧରୁ ବେଳେ ପ୍ରସ୍ତୁତି ଓ ସତର୍କତା, ଉଦ୍ଧାର, ରିଲିଫ ପ୍ରଦାନରେ ସ୍ଥାନୀୟ ପ୍ରଶାସନ ବିଫଳ ହୋଇଥିବା ଜାଣି ଗତକାଲି ଠାରୁ ଆସିକା ମୁନସିପାଲଟି ର ୧୮ଟି ୱାର୍ଡ ସାଙ୍ଗକୁ ବିଭିନ୍ନ ପଞ୍ଚାୟତ ପକ୍ଷରୁ ଘର ଘର ବୁଲି ୪୦୦ଗ୍ରାମ ଚୂଡ଼ା, ୧୦୦ଗ୍ରାମ ଗୁଡ଼, ଦେଇ ପ୍ରଶାସନ ଡାର କାମ ସାରିଥିବା ସାଧାରଣରେ କୁହାଯାଇଛି।

ପଞ୍ଚୁକରେ ନଦୀଘାଟ ଓ ମନ୍ଦିର ବନ୍ଦ, ୨୦ ଓ ୨୧ରେ ଡଙ୍ଗା ଚଳାଚଳ ନିଷିଦ୍ଧ

ବାଙ୍କୀ, ୧୯/୧୧(ନିପ୍ର): ସମ୍ଭାବ୍ୟ ଭୀଷଣ ବାତ୍ୟା 'ଅକଓ୍ୱାନ'କୁ ନେଇ ଚିନ୍ତାରେ ପ୍ରଶାସନ। ବାତ୍ୟାର ପ୍ରଭାବରେ ପ୍ରବଳ ବର୍ଷା ଓ ଝଡ଼ପବନ ଆଶଙ୍କା ଥିବାରୁ ଶୂନ୍ୟ ଜୀବନହାନି ଲକ୍ଷ୍ୟରେ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଛି ବ୍ୟାପକ ପ୍ରସ୍ତୁତି। ଜିଲ୍ଲାପାଳ ତଥା ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର ଅଧ୍ୟକ୍ଷ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାତ୍ୟା ମୁକାବିଲାର ସମସ୍ତ ପ୍ରସ୍ତୁତି ସମୀକ୍ଷା କରାଯାଇଛି। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କଟକ ଜିଲ୍ଲା ପାଇଁ ଅରେଞ୍ଜ ଆଲର୍ଟ ଜାରି ହୋଇଥିବାବେଳେ ନଭେମ୍ବର ୨୦ ଓ ୨୧ ତାରିଖରେ ପ୍ରବଳ ବର୍ଷା ସହ ପ୍ରତିକୂଳ ପାଣିପାଗ ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପଞ୍ଚୁକ ସମୟରେ ନଦୀଘାଟ ଓ ନଦୀକୂଳ ମନ୍ଦିରଗୁଡ଼ିକରେ ଭକ୍ତଙ୍କ ପ୍ରବେଶ ଉପରେ କଟକଣା ଲଗାଇଛି ପ୍ରଶାସନ।ସେହିପରି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ, ନଭେମ୍ବର ୨୦ ତାରିଖଠାରୁ ପରବର୍ତ୍ତୀ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ ପଞ୍ଚୁକ ବ୍ରତ ପାଳନ ହେଉଥିବା ଜିଲ୍ଲାର ସମସ୍ତ ନଦୀଘାଟ ଓ ମନ୍ଦିର ସାଧାରଣ ଭକ୍ତଙ୍କ ପାଇଁ ବନ୍ଦ ରହିବ। ତେବେ ପରମ୍ପରା ଅନୁଯାୟୀ ଅଧିକୃତ ସେବାୟତ ଓ ପୂଜକଙ୍କ ଦ୍ୱାରା ମନ୍ଦିରର ନୀତିକାନ୍ତି ଜାରି ରହିବ। ଅନ୍ୟପକ୍ଷରେ, ବାତ୍ୟା ଆଶଙ୍କାକୁ ନେଇ ନଭେମ୍ବର ୨୦ ତାରିଖରେ ଜିଲ୍ଲାର ସମସ୍ତ ସରକାରୀ, ବେସରକାରୀ ଓ ଅନୁଦାନପ୍ରାପ୍ତ ସ୍କୁଲ, କଲେଜ, ଆଇଟିଆଇ, ପଲିଟେକ୍ନିକ୍, ବିଶ୍ୱବିଦ୍ୟାଳୟ ଏବଂ ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ ରହିବ।

ପିୟୁସି ବ୍ୟବସ୍ଥାରେ ସଂଶୋଧନ ପାଇଁ ପ୍ରସ୍ତାବ

ନୂଆଦିଲ୍ଲୀ,୧୯।୧୧: ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ଗୁରୁବାର 'ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର' (ପିୟୁସି) ବ୍ୟବସ୍ଥାରେ ସଂଶୋଧନ ପାଇଁ ପ୍ରସ୍ତାବ ଦେଇଛି। ଏହି ପ୍ରସ୍ତାବର ଲକ୍ଷ୍ୟ ହେଉଛି ଗାଡ଼ିର ବୟସ ଏବଂ ନିର୍ଗମନ ମାନକ